୧୪-୨୦ ଜୁଲାଇ ୨୦୨୪

ରବିବାର
ସକାଳ
THE SAKALA

# ସିନ୍ଦୁରା



# ଶ୍ରୀଜଗନ୍ନାଥ ସଂସ୍କୃତିରେ ବିଜ୍ଞାନ



କାଳିଆ ଠାକୁର ସେ । ବଡ଼ ରହସ୍ୟମୟ ତାଙ୍କର ଲୀଳାଖେଳା । ସେ ଜଗତର ନାଥ ଜଗନ୍ନାଥ । ବାର ମାସରେ କରନ୍ତି ତେର ଯାତରା । ଲୋକାଚାରରେ ସଂପନ୍ନ ହୁଏ ତାଙ୍କର ନୀତିକାନ୍ତି । ତେଣୁ ତାଙ୍କୁ ମାନବୀୟ ଠାକୁର କୁହାଯାଏ । ମହାପ୍ରଭୁ ଓ ଶ୍ରୀମନ୍ଦିରକୁ ନେଇ ରହିଛି ଅନେକ ରହସ୍ୟ । ଯାହା ଶହ ଶହ ବର୍ଷ ଧରି ଅଗଣିତ ଭକ୍ତମାନଙ୍କୁ ଆଶ୍ଚର୍ଯ୍ୟ ଚକିତ କରି ଆସିଛି । ପୁରାଣ, ସାହିତ୍ୟ, ଇତିହାସରେ ଶ୍ରୀଜଗନ୍ନାଥଙ୍କ ରହସ୍ୟକୁ ନେଇ ଲେଖା ଯାଇଛି ଅନେକ କଥା । ତଥାପି ଜଗନ୍ନାଥଙ୍କ ରହସ୍ୟକୁ ଠିକ୍ ଭାବେ ଆକଳନ କରାଯାଇପାରିନାହିଁ । ପବିତ୍ର ଶ୍ରୀମନ୍ଦିର ଓ ଶ୍ରୀଜୀଉଙ୍କୁ ନେଇ ରହିଛି କେତେକ ବିଜ୍ଞାନ ସମ୍ମତ କାରଣ, ଆଉ କିଛିକୁ ନେଇ ରହିଛି କିମ୍ବଦନ୍ତୀ ଓ ଲୋକକଥା ।

ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରା ବହୁ ପ୍ରାଚୀନ । ଯେଉଁଥିରେ ଦେଖିବାକୁ ମିଳିଥାଏ ଅନନ୍ୟତା । ଦାରୁ ବିଗ୍ରହଙ୍କ ନିର୍ମାଣଠାରୁ ଆରମ୍ଭ କରି କୋଇଲି ବୈକୁଣ୍ଠରେ ସମାଧି ନେବା ପର୍ଯ୍ୟନ୍ତ ରହିଛି ଅନେକ ନୀତିକାନ୍ତି । ସେହିପରି ମନ୍ଦିରର ଛାୟାହୀନ ସ୍ଥାପତ୍ୟ ନିର୍ମାଣ, ମେଘଦାନ ପ୍ରାଚୀର ଓ ଶବ୍ଦ ଅଭେଦ୍ୟ ରହସ୍ୟ, ରୋଷଶାଳା ଓ ମହାପ୍ରସାଦ, ଚତୁର୍ଦ୍ଧା ମୂରତିଙ୍କ ରଙ୍ଗତତ୍ତ୍ୱ, ଅନବସର ସେବା ଆଦି ପଛରେ ରହିଛି ଅନେକ ରହସ୍ୟ ଓ ବୈଜ୍ଞାନିକ କାରଣ । ଏହି ସତ୍ୟତାର ମୂଳ ଆଧାର ହେଉଛି ଆଧ୍ୟାତ୍ମିକତା, ବିଶ୍ୱାସ, ଲୋକକଥା, କିମ୍ବଦନ୍ତୀ । ଆଧ୍ୟାତ୍ମିକତା ଓ ବିଜ୍ଞାନର ସଂପର୍କ ଅତି ନିବିଡ଼ । ଯାହାର ଝଲକ ଦେଖିବାକୁ ମିଳିଥାଏ ଶ୍ରୀଜଗନ୍ନାଥ ସଂସ୍କୃତିରେ । ତେବେ ବିଜ୍ଞାନର ବହୁ ଊର୍ଦ୍ଧ୍ୱରେ ଶ୍ରୀଜଗନ୍ନାଥ ସଂସ୍କୃତି । ଶ୍ରୀମନ୍ଦିର ପରମ୍ପରା ଓ ଶ୍ରୀଜଗନ୍ନାଥ ସଂସ୍କୃତିରେ ବିଜ୍ଞାନର ସଂପର୍କକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ଉପସ୍ଥାପନା: **ଶ୍ରୀଜଗନ୍ନାଥ ସଂସ୍କୃତିରେ ବିଜ୍ଞାନ**

**ପ୍ରସ୍ତୁତି 'ସକାଳ' ବ୍ୟୁରୋ**



ନନ୍ଦିଘୋଷ ନେଟୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ: ୯୦ - ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇ-ମେଲ୍ : feature@thesakala.com

## କେମିତି କଟିବ ସପ୍ତାହ

**ମେଷ**
ରବି, ସୋମବାରରେ ଭବିଷ୍ୟତ ପାଇଁ ବଡ଼ ଯୋଜନା ପ୍ରସ୍ତୁତ କରିବେ । ଅଟକି ରହିଥିବା ଧନ ଫେରିପାଇବେ । ମଙ୍ଗଳ,ବୁଧ, ଗୁରୁବାରରେ କର୍ମକ୍ଷେତ୍ରରେ ନିଜର ପ୍ରତିଭାକୁ ବିକଶିତ କରିବେ । ଶୁକ୍ର, ଶନିବାରରେ ଜୀବନରେ ଭିନ୍ନ ମୋଡ଼ ଦେଖାଦେବ ।

**ବୃଷ**
ରବି, ସୋମବାରରେ ଶତ୍ରୁର କୂଟଚକ୍ରାନ୍ତର ଶିକାର ହୋଇପାରନ୍ତି । ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ବାଧା ଉପୁଜିପାରେ । ମଙ୍ଗଳ,ବୁଧ, ଗୁରୁବାରରେ ପରିଶ୍ରମର ଫଳପ୍ରାପ୍ତି ହେବ । ଶୁକ୍ର, ଶନିବାରରେ କର୍ମକ୍ଷେତ୍ରରେ ଉନ୍ନତି କରିବେ । ଗୁରୁଜନଙ୍କ ସ୍ୱାସ୍ଥ୍ୟ ଅବସ୍ଥାକୁ ନେଇ ଚିନ୍ତିତ ରହିବେ ।

**ମିଥୁନ**
ରବି, ସୋମବାରରେ ସମୟ ଅତ୍ୟନ୍ତ ଅନୁକୂଳ ରହିବ । ସଙ୍ଗୀତ କଳା ପ୍ରତି ରୁଚି ବଢ଼ିବ । ମଙ୍ଗଳ, ବୁଧ, ଗୁରୁବାରରେ କର୍ମକ୍ଷେତ୍ରରେ ଆପଣଙ୍କ ମତାମତ ରଖିବାର ସୁଯୋଗ ପାଇବେ । ଶୁକ୍ର, ଶନିବାରରେ ଦୀର୍ଘଦିନରୁ ପଡ଼ିରହିଥିବା କାର୍ଯ୍ୟ ପୂରଣ ହେବ ।

**କର୍କଟ**
ରବି, ସୋମବାରରେ ବିଭିନ୍ନ କାର୍ଯ୍ୟରେ ସଫଳତା ପାଇପାରନ୍ତି । ପରିବାରରେ ଲାଗି ରହିଥିବା ସମସ୍ୟାରୁ ମୁକ୍ତି ପାଇବେ । ମଙ୍ଗଳ,ବୁଧ, ଗୁରୁବାରରେ ଦେଶବିଦେଶ ଭ୍ରମଣ ଯୋଗ ରହିଛି । ଶୁକ୍ର, ଶନିବାରରେ ବ୍ୟବସାୟ ପ୍ରସାରିତ ହେବ । ସାମାଜିକ ଦାୟିତ୍ୱବୋଧ ବୃଦ୍ଧି ପାଇବାକୁ ଲାଗିବ ।

**ସିଂହ**
ରବି, ସୋମବାରରେ ନିଜ ବୁଦ୍ଧି ବିବେକ ଅନୁସାରେ କାର୍ଯ୍ୟ କରି ସଫଳତା ପାଇବେ । କର୍ମକ୍ଷେତ୍ରରେ ଦାୟିତ୍ୱଭାର ବଢ଼ିବାକୁ ଲାଗିବ । ମଙ୍ଗଳ,ବୁଧ, ଗୁରୁବାରରେ କ୍ୟାରିୟରରେ ଉନ୍ନତି କରିବେ । ଶୁକ୍ର, ଶନିବାରରେ ନିଜ ବାକ୍ୟ ଉପରେ ସଂଯମତା ରକ୍ଷା କରନ୍ତୁ ।

**କନ୍ୟା**
ରବି, ସୋମବାରରେ ହେଉଥିବା କାମ ବିଗିଡ଼ି ଯିବା ଦ୍ୱାରା ଚିନ୍ତିତ ରହିପାରନ୍ତି । ଗୁରୁଜନଙ୍କ ପରାମର୍ଶ ଲୋଡ଼ିବେ । ମଙ୍ଗଳ,ବୁଧ, ଗୁରୁବାରରେ ଶୁଭ କାର୍ଯ୍ୟରେ ଯୋଗ ଦେଇ ଉତ୍ସାହିତ ରହିବେ । ଶୁକ୍ର,ଶନିବାରରେ ବ୍ୟବସାୟୀମାନେ ଆଶାଠାରୁ ଅଧିକ ଲାଭ ପାଇବେ ।

**ତୁଳା**
ରବି, ସୋମବାରରେ କୌଣସି ନିଷ୍ପତ୍ତି ନେବା ସମୟରେ ଦ୍ୱନ୍ଦ୍ୱରେ ପଡ଼ି ଯାଇପାରନ୍ତି । ପ୍ରତିଶୋଧ ପରାୟଣ ହୋଇ ଅଶାନ୍ତିରେ ରହିବେ । ମଙ୍ଗଳ,ବୁଧ, ଗୁରୁବାରରେ ନିଜକୁ ପ୍ରମାଣିତ କରିବାକୁ ଯାଇ ଅଧିକ ପରିଶ୍ରମୀ ହେବେ । ଶୁକ୍ର, ଶନିବାରରେ ପରିବାରରେ ତିକ୍ତତା ଉପୁଜିପାରେ ।

**ବିଛା**
ରବି, ସୋମବାରରେ ସନ୍ତାନସନ୍ତତିଙ୍କୁ ନେଇ ଚିନ୍ତାରେ ପଡ଼ିପାରନ୍ତି । ଧାର୍ମିକ ମନୋବୃତ୍ତି ରଖି ଗରିବଙ୍କୁ ସାହାଯ୍ୟ କରିବେ । ମଙ୍ଗଳ,ବୁଧ, ଗୁରୁବାରରେ ପରିବାରରେ ଲାଗି ରହିଥିବା ବାଦବିବାଦ ପରିସ୍ଥିତିରେ ସୁଧାର ଆସିବ । ଶୁକ୍ର, ଶନିବାରରେ ଅର୍ଥନୈତିକ କ୍ଷେତ୍ରରେ ଉନ୍ନତି କରିବେ ।

**ଧନୁ**
ରବି,ସୋମବାରରେ ଦେହ ଓ ମନ ଭଲ ରହିବ । ବେପାରରେ ମନ ମୁତାବକ ଫଳ ପାଇବେ । ମଙ୍ଗଳ,ବୁଧ, ଗୁରୁବାରରେ ଆର୍ଥିକ ସ୍ଥିତିରେ ସ୍ୱଚ୍ଛଳତା ଦେଖାଦେବ । ଶୁକ୍ର, ଶନିବାରରେ କୋର୍ଟକଚେରୀ ମାମଲାରେ ସଫଳତା ହାସଲ କରିବେ । ଦାମ୍ପତ୍ୟ ଜୀବନରେ ମଧୁରତା ବଢ଼ିବ ।

**ମକର**
ରବି,ସୋମବାରରେ କିଛିଟା ଉତ୍ତେଜନା ଭିତରେ କାର୍ଯ୍ୟ ତୁଲାଇବେ । ଦୂରଯାତ୍ରା କରିପାରନ୍ତି । ମଙ୍ଗଳ,ବୁଧ, ଗୁରୁବାରରେ ବିଭିନ୍ନ କ୍ଷେତ୍ରରେ ଅର୍ଥପ୍ରାପ୍ତି ଯୋଗ ରହିଛି । ଶୁକ୍ର,ଶନିବାରରେ ଉଚ୍ଚ ସମ୍ମାନର ଅଧିକାରୀ ହୋଇପାରନ୍ତି । ପଡ଼ୋଶୀଙ୍କ ସହ ସମ୍ପର୍କରେ ନିବିଡ଼ତା ବଢ଼ିବ ।

**କୁମ୍ଭ**
ରବି, ସୋମବାରରେ ପରିସ୍ଥିତି ଅନୁସାରେ ନିଷ୍ପତ୍ତି ନେଇପାରନ୍ତି । ସମସ୍ୟାର ସମାଧାନ ବାଟ ଖୋଜିବେ । ମଙ୍ଗଳ,ବୁଧ, ଗୁରୁବାରରେ ନିଜ ମନ କଥା କହି କଷ୍ଟ ପାଇ ପାରନ୍ତି । ଶୁକ୍ର, ଶନିବାରରେ ପରିବାରବର୍ଗଙ୍କ ସହଯୋଗ ପାଇବେ । ବ୍ୟବସାୟରେ ଲାଭାନ୍ୱିତ ହେବେ ।

**ମୀନ**
ରବି, ସୋମବାରରେ ସଂଘର୍ଷ କରି ସଫଳତା ପାଇପାନ୍ତି । ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟରେ ଯୋଗ ଦେଇପାରନ୍ତି । ମଙ୍ଗଳ,ବୁଧ, ଗୁରୁବାରରେ ଅଯଥା ଝାମେଲାରୁ ନିଜକୁ ଦୂରେଇ ରଖନ୍ତୁ । ଶୁକ୍ର, ଶନିବାରରେ ଛାତ୍ରଛାତ୍ରୀ କ୍ୟାରିୟରରେ ଉନ୍ନତି କରିବେ । ଆର୍ଥିକକ୍ଷେତ୍ରରେ ପରିବାର ବର୍ଗଙ୍କ ସହଯୋଗ ପାଇବେ ।





# ଜଗନ୍ନାଥ ସଂସ୍କୃତିରେ ବୈଜ୍ଞାନିକ ଦର୍ଶନ



ଡକ୍ଟର (ଇଂ) ସଞ୍ଜୀୟ କୁମାର ପଣ୍ଡା

**ସଭ୍ୟତାର କ୍ରମଃବିକାଶରେ ଶବର ସଂସ୍କୃତିର ଉପାସ୍ୟ ଦେବତା ଜଗନ୍ତ, ଜଗନାଏଲୋ କିମ୍ବା କିଦୁଙ୍ଗ ଜଗତର ନାଥ ଜଗନ୍ତ ନାଥରୁ 'ଜଗନ୍ନାଥ' ରୂପେ ପ୍ରସିଦ୍ଧି ଲାଭ କରି ଶୈବ, ଶାକ୍ତ, ବୌଦ୍ଧ, ଜୈନ, ବୈଷ୍ଣବ ସଂସ୍କୃତିର ସମ୍ମିଳନରେ ଅପୌରୁଷେୟ ଦାରୁବ୍ରହ୍ମରୁ ଶ୍ରୀପୁରୁଷୋତ୍ତମର ସଂଜ୍ଞା ବହନ କରି ଜଗନ୍ନାଥ ସଂସ୍କୃତିର ସମ୍ପ୍ରସାରଣ ଦ୍ୱାରା ବିଶ୍ୱବିଦିତ କରି ଓଡ଼ିଆର ମଉଡ଼ମଣି ରୂପେ ଓଡ଼ିଆ ଜାତିର ଗୌରବ ବିବର୍ଦ୍ଧିତ କରିଛି । ଜୀବନ ତତ୍ତ୍ୱରେ ପଞ୍ଚଭୂତକୁ ଆଧାରିତ କରି ମାନବୀୟ ଲୀଳାର ମୁଖ୍ୟ ସୂତ୍ରଧର ହିଁ ଜଗନ୍ନାଥ । ଲୀଳାସାଗର ଜଗନ୍ନାଥଙ୍କ ଆଧ୍ୟାତ୍ମିକ ଚେତନା ଓ ପୁରୁଷୋତ୍ତମତତ୍ତ୍ୱକୁ ଯେତେ ଗଭୀର ଅନୁଶୀଳନ କଲେ ମଧ୍ୟ ସାରମର୍ମ ଅତ୍ୟନ୍ତ ଦୁର୍ବୋଧ୍ୟ ।**

ଜଗନ୍ନାଥଙ୍କୁ ଆର୍ଯ୍ୟୋତ୍ତର ଦେବତା ରୂପେ ବିଭିନ୍ନ ବେଦ, ଉପନିଷଦ ଓ ପୌରାଣିକ ଗ୍ରନ୍ଥ ଆଖ୍ୟାୟିତ କରିଛନ୍ତି । କଳିଯୁଗରେ ଶ୍ରୀପୁରୁଷୋତ୍ତମର ସଂଜ୍ଞା ବହନ କରି ଜଗନ୍ନାଥ ମାନବୀୟ ଲୀଳାକୁ ପ୍ରଦର୍ଶିତ କରି ପଞ୍ଚଭୂତ ସମ୍ମିଶ୍ରଣରେ ସୃଷ୍ଟ ମାନବ ଶରୀରତତ୍ତ୍ୱକୁ ନିଜ ମଧ୍ୟରେ ସମ୍ମିଳିତ କରିଛନ୍ତି । ନିଜକୁ ଆଧ୍ୟାତ୍ମିକ ଦେବତା ରୂପେ ଧରାପୃଷ୍ଠରେ ପ୍ରସିଦ୍ଧି ପ୍ରଦାନ କରିଥିଲେ ମଧ୍ୟ ନିଜର ଜୀବନ ଚର୍ଯ୍ୟାରେ ସାଂସାରିକ ରୀତିନୀତିର ସଫଳ ପ୍ରୟୋଗ କରିଥିବାରୁ ସ୍ୱତଃସ୍ଫୂର୍ତ୍ତ ଭାବେ ବୈଜ୍ଞାନିକ ଦର୍ଶନର ସୂତ୍ରପାତ ହୋଇଛି । ଯଦିଓ ପ୍ରାଚୀନ କାଳରୁ ଅନୁସୃତ ଅଦ୍ଭୁତ ମାନବୀୟ ପରମ୍ପରା ଜଗତକୁ ଆଚମ୍ବିତ କରୁଥିଲା କିନ୍ତୁ ଆଧୁନିକ ବୈଜ୍ଞାନିକ ସଭ୍ୟତାରେ ତା'ର ଗୂଢ଼ ତତ୍ତ୍ୱ ଅନୁଶୀଳନ କରି ରହସ୍ୟ ଉନ୍ମୋଚନ କରିବାର ପ୍ରୟାସ ଜାରି ରହିଲା । ସତ୍ୟର ଅନୁସନ୍ଧାନର ପରିଭାଷା ଶ୍ରଦ୍ଧା, ଭକ୍ତି ଓ ବିଶ୍ୱାସରୁ କକ୍ଷଚ୍ୟୁତ ହୋଇ ତର୍କସମ୍ମତ ବିଜ୍ଞାନ ସିଦ୍ଧାନ୍ତର ରୂପରେଖ ଧାରଣ କରିବାରେ ଲାଗିଛି । ଯଦିଓ ଧର୍ମ ଓ ବିଜ୍ଞାନ ପରସ୍ପରର ପ୍ରତିଯୋଗୀ ତଥା ବ୍ରହ୍ମତତ୍ତ୍ୱର ସର୍ବୋତ୍ତମ ନିର୍ଣ୍ଣୟ ନିରୂପଣ କରିବା ସଦାସର୍ବଦା ବିଜ୍ଞାନର ଦକ୍ଷତା ପରିଧିର ବହିର୍ଭୂତ ବ୍ୟାପାର । କିନ୍ତୁ ଅନବରତ ପ୍ରଚେଷ୍ଟା ବିଜ୍ଞାନର ରହସ୍ୟ ଉନ୍ମୋଚନ ଦକ୍ଷତାକୁ ଶାଣିତ କରିବ, ଏହା ନିଃସନ୍ଦେହ । ଜଗନ୍ନାଥ ସଂସ୍କୃତିରେ ଜଗନ୍ନାଥଙ୍କ ଶ୍ରୀମନ୍ଦିରର ସ୍ଥାପତ୍ୟ କଳା, ପାକଶାଳା ରହସ୍ୟ, କୋଇଲି ବୈକୁଣ୍ଠ ମହାତ୍ମ୍ୟ, ରଙ୍ଗଭେଦରେ ବୈଜ୍ଞାନିକ ତତ୍ତ୍ୱ ଓ ବିଭିନ୍ନ ଯାତ୍ରା, ପର୍ବପର୍ବାଣିରେ ତତ୍ତ୍ୱ ସମ୍ମିଳିତ ବୈଜ୍ଞାନିକ ଆଧାର ମାନବୀୟ ଲୀଳାଖେଳା ଅପୂର୍ବ ଶିହରିତ ଅନୁଭୂତି କହିଲେ ଅତ୍ୟୁକ୍ତି ହେବ ନାହିଁ ।





## ରୋଷଶାଳା ଓ ମହାପ୍ରସାଦ

ଶ୍ରୀକ୍ଷେତ୍ରରେ ରୋଷଶାଳା ପୂର୍ବରୁ ସତ୍ୟନାରାୟଣ ମନ୍ଦିରର ପୃଷ୍ଠପାର୍ଶ୍ୱରେ ଅବସ୍ଥିତ ଥିବା ବେଳେ ଗଜପତି ଦିବ୍ୟସିଂହ ଦେବଙ୍କ ସମୟରେ (ଖ୍ରୀ: ୧୬୮୨-୧୭୧୩) ମେଘନାଦ ପ୍ରାଚୀରର ଦକ୍ଷିଣ ପୂର୍ବ ଆଗ୍ନେୟକୋଣରେ ପ୍ରତିଷ୍ଠିତ ହୋଇଥିଲା । ଏଥିସହ ପାକଶାଳାରୁ ଭୋଗମଣ୍ଡପ ପର୍ଯ୍ୟନ୍ତ ଛାତକାର୍ଯ୍ୟ ଗଜପତି ହରେକୃଷ୍ଣ ଦେବ (ଖ୍ରୀ୧୭୨୦-୧୭୨୫) ଙ୍କ ଦ୍ୱାରା ନିର୍ମିତ ହୋଇଥିଲା । ଏହି ପାକଶାଳାରେ ୭୫୦ ଗୋଟି ଚୁଲା ଦ୍ୱାରା ମୁଖ୍ୟତଃ କୋଠଭୋଗ, ସାଧାରଣ ଭୋଗ ଓ ପିଠାଭୋଗ ପାକ କରାଯାଏ । ସାଧାରଣତଃ ଚୁଲା ସମୂହ ଭୂପୃଷ୍ଠାରୁ ସାତ ଫୁଟ ଉଚ୍ଚରେ ଅବସ୍ଥିତ, ଯେଉଁଥିରେ ସମସ୍ତ ଚୁଲାର ନଅଗୋଟି ମୁଖ ରହିଥାଏ । ସାଧାରଣତଃ ଏହି ନବମୁଖୀ ଚୁଲାରେ ନଅଗୋଟି ବଡ଼ରୁ ଛୋଟ କ୍ରମେ ନାଲି ମୃତ୍ତିକା ଆଟିକା ଏକ ଉପରେ ଆରେକ ସ୍ଥିତ ହୋଇଥାନ୍ତି । ସର୍ବନିମ୍ନରେ ବଡ଼ ଆଟିକା ଥିବାବେଳେ ଉର୍ଦ୍ଧ୍ୱରେ କ୍ରମଶଃ କ୍ଷୁଦ୍ର ଆଟିକା ରଖାଯାଏ । ପୁନଶ୍ଚ ବଡ଼ ଆଟିକା (କୁଡ୍ରୁଆ) ମଧ୍ୟରେ ଛୋଟ ଛୋଟ ଅନେକ ଆଟିକା ମଧ୍ୟ ରହିଥାଏ । ଏହି ଆଟିକା ମଧ୍ୟରେ ଆବଶ୍ୟକ ମୁତାବକ ଚାଉଳ, ପରିବାଦ୍ରବ୍ୟ, ଡାଲି ଓ ଜଳ ମାପାନୁସାରେ ବ୍ୟବସ୍ଥିତ କରାଯାଇ ଚୁଲାରେ ଅଗ୍ନି ସଂଯୋଗ କାଷ୍ଠ ମାଧ୍ୟମରେ କ୍ରିୟାନ୍ୱିତ ହୋଇଥାଏ । ଏହି ପାକକ୍ରିୟାରେ ସର୍ବ ଉର୍ଦ୍ଧ୍ୱପାତ୍ର ସହ ନିମ୍ନସ୍ଥ ପାତ୍ରର ଖାଦ୍ୟ ଏକ ସମୟରେ ପ୍ରସ୍ତୁତ ହୋଇଥାଏ । ଯାହାକୁ ଧର୍ମୀୟ ବିଶ୍ୱାସରେ ଏକ ଆଚମ୍ବ ମାନିବାକୁ ହୁଏ ।

ବୈଜ୍ଞାନିକ ଦୃଷ୍ଟିକୋଣରୁ ଏହା ଉତ୍ତାପ ବିକିରଣ, ଧାରଣ ଓ ସଞ୍ଚରଣ ପ୍ରକ୍ରିୟା ଯୋଗୁଁ ସମ୍ଭବ ହୋଇଥାଏ । ନାଲି ରଙ୍ଗର ମୃତ୍ତିକା ଆଟିକାଗୁଡ଼ିକ ଆକାର ଅନୁଯାୟୀ ଭାତ କୁଡ୍ରୁଆ, ଡାଲି କୁଡ୍ରୁଆ, ନମ୍ବରୀ କୁଡ୍ରୁଆ, ବଡ଼ମଠ କୁଡ୍ରୁଆ, ସାନମଠ କୁଡ୍ରୁଆ, ଅଧସେରିଆ କୁଡ୍ରୁଆ, ଦଶିଆ କୁଡ୍ରୁଆ, ସମାଧି କୁଡ୍ରୁଆ, ବାଇ ହାଣ୍ଡି ନାମରେ ନାମିତ କରାଯାଏ । ଏହି କୁଡ୍ରୁଆଗୁଡ଼ିକ ଉଚ୍ଚତା, ପରିଧି, ନିମ୍ନଭାଗ ବର୍ତ୍ତୁଳାକାର, ଭୋଗ ଧାରଣ ଘନଫଳ ଓ ବାହ୍ୟ ବ୍ୟାସ ଅନୁସାରେ ଉତ୍ତାପ ଧାରଣ, ସଞ୍ଚରଣ ଓ ବିକିରଣ କରିଥାନ୍ତି । ବୈଜ୍ଞାନିକ ମତାନୁସାରେ ଅଗ୍ନି ସଂଯୋଗ ପରେ ପ୍ରଥମେ ସର୍ବନିମ୍ନ କୁଡ୍ରୁଆ ଉତ୍ତପ୍ତ ହୁଏ । ଏହି କୁଡ୍ରୁଆର ନିମ୍ନ କେନ୍ଦ୍ର ଭାଗ ଗୋଜିଆ ହୋଇ କ୍ରମଶଃ ବାହ୍ୟ ବର୍ତ୍ତୁଳାକାର ହୋଇଥିବାରୁ ମୃତ୍ତିକା

ଦ୍ୱାରା ଉତ୍ତାପ ସଞ୍ଚରଣ ଓ ବିକିରଣ ହୋଇ ମାଟି ପାତ୍ର ଓ ପ୍ରସାଦ ମଧ୍ୟ ଦେଇ ଉର୍ଦ୍ଧ୍ୱମୁଖ ଗତି କରିଥାଏ। ପୁନଶ୍ଚ ପାତ୍ର ମଧ୍ୟରେ ଥିବା ପାଣି ପ୍ରସାଦର ଉପର ପାର୍ଶ୍ୱରେ ଥିବାରୁ ନିଜର ଉତ୍ତାପକୁ ଉର୍ଦ୍ଧ୍ୱଦିଗକୁ ସଂଚରଣ କରିଥାଏ। ଏତଦ୍ ବ୍ୟତୀତ ବଡ଼ କୁଡୁଆ (ବାଇକୁଡୁଆ) ମଧ୍ୟରେ ଥିବା ଛୋଟ କୁଡୁଆମାନେ ମଧ୍ୟ ଉତ୍ତାପ ବିକିରଣ, ସଞ୍ଚରଣ ଓ ଧାରଣ କରିବା ସହ ବାହ୍ୟପାର୍ଶ୍ୱରେ ବଡ଼ କୁଡୁଆ ଦ୍ୱାରା ସଞ୍ଚରିତ ଉତ୍ତାପ ଦ୍ୱାରା ପ୍ରଭାବିତ ହୋଇଥାନ୍ତି। ଫଳତଃ ତଳପାର୍ଶ୍ୱରେ ଉତ୍ତାପ ପ୍ରଥମେ ବୃଦ୍ଧି ପାଇଲେ ମଧ୍ୟ ଏହା ଉପରକୁ କ୍ରମଶଃ ସଞ୍ଚରଣ ଦ୍ରୁତ ବେଗରେ ହେବା ଫଳରେ ସର୍ବନିମ୍ନ କୁଡୁଆ ଅତ୍ୟଧିକ ଉତ୍ତାପ ସଞ୍ଚରଣ କରି ଅପେକ୍ଷାକୃତ ଶୀତଳ ରହିଥାଏ। ଶକ୍ତି ସଂରକ୍ଷଣର ସିଦ୍ଧାନ୍ତ ଅନୁସାରେ, ଶକ୍ତି ସୃଷ୍ଟି କିମ୍ବା ନଷ୍ଟ କରିହୁଏ ନାହିଁ ବରଂ ଏହା ଗୋଟିଏ ରୂପରୁ ଅନ୍ୟ ଏକ ରୂପକୁ ରୂପାନ୍ତରିତ ହୁଏ। ଏହା ହିଁ ପ୍ରକ୍ରିୟାର ବିଶେଷତ୍ୱ। ଅତଏବ ସମସ୍ତ ନିମ୍ନ ଭାଗ ଶକ୍ତି କ୍ଷୀପ୍ରଗତିରେ ଉର୍ଦ୍ଧ୍ୱମୁଖୀ ହୋଇ ସର୍ବଉପର ପାତ୍ରର ଖାଦ୍ୟକୁ ପାକ କଲାପରେ କ୍ରମଶଃ ନିମ୍ନଭାଗର ଖାଦ୍ୟ (ପ୍ରସାଦ) ପାକ ହୁଏ। ଏହା କେବଳ ଉତ୍ତାପ (ଶକ୍ତି) ସନ୍ତୁଳିତ ହେଲେ ଅର୍ଥାତ୍ ଉପରୁ ତଳ ପାତ୍ର ପର୍ଯ୍ୟନ୍ତ ଉତ୍ତାପ ସମାନ୍ତ ସ୍ତରକୁ ଆସିଲେ ସବୁକୁଡୁଆ ଖାଦ୍ୟ ପ୍ରସ୍ତୁତ ହୋଇଥାଏ।

ଧର୍ମୀୟ ଭାବନାରେ ଜଗନ୍ନାଥ ସଂସ୍କୃତିରେ ଏହା ଆଶ୍ଚର୍ଯ୍ୟ ଘଟଣାଥିବା ବେଳେ ଅଲକ୍ଷ୍ୟରେ ହିନ୍ଦୁଶାସ୍ତ୍ରରେ ବୈଜ୍ଞାନିକ ଦର୍ଶନକୁ ବହୁକାଳାନ୍ତେ ଆଧୁନିକ ବିଜ୍ଞାନ ପ୍ରମାଣିତ କରିଛି।



## ମେଘନାଦ ପ୍ରାଚୀର ଓ ଶବ୍ଦ ଅଭେଦ୍ୟ ରହସ୍ୟ

କିମ୍ବଦନ୍ତୀ ଅନୁଯାୟୀ ରତ୍ନାକରଙ୍କ ଘର୍ଘରନାଦ ହେତୁ ଭଗବାନ ଜଗନ୍ନାଥଙ୍କୁ ନିଦ୍ରାଭଙ୍ଗରୁ ରକ୍ଷା କରିବା ପାଇଁ ମେଘନାଦ ପ୍ରାଚୀର ନିର୍ମାଣ କରାଯାଇଛି। ଏହି ପ୍ରାଚୀର ଅତ୍ୟନ୍ତ ସୁଉଚ୍ଚ (୨୦-୨୪ ଫୁଟ) ଥିବାବେଳେ ଏହାର ମୋଟା ଛଅଫୁଟ ରହିଛି। ପୁନଶ୍ଚ ଶ୍ରୀମନ୍ଦିରର ଭିତର ବେଢ଼ାର ଚତୁଃପାର୍ଶ୍ୱରେ ଏକ କୂର୍ମ ଆକୃତିର ପ୍ରାଚୀର ନିର୍ମାଣ କରାଯାଇଛି। ଯାହାର ଉଚ୍ଚତା ମେଘନାଦ ପ୍ରାଚୀର ସମ ଥିବାବେଳେ ଏହା ସାମାନ୍ୟ ପତଳା (୫ଫୁଟ) ରହିଥାଏ। ଏହି ପ୍ରାଚୀରରେ ନାଲି ରଙ୍ଗର ମାଙ୍କଡ଼ା ପ୍ରସ୍ତର ବ୍ୟବହୃତ ହୋଇଅଛି। ଏହି ମେଘନାଦ ପ୍ରାଚୀର ଓ କୂର୍ମ ପ୍ରାଚୀରରେ ଚାରିଗୋଟି କରି ଆଠୋଟି ଦ୍ୱାରା ରହିଛି, ଯାହାକି ବିରଳ ଦୃଶ୍ୟମାନ।

ବୈଜ୍ଞାନିକ ଦୃଷ୍ଟିକୋଣରେ ଅନୁଶୀଳନ କଲେ, ଏହା ସ୍ୱତଃ ଜ୍ଞାନ ହୁଏ ଯେ ସୁଉଚ୍ଚ ପ୍ରାଚୀର ଓ ଅତ୍ୟନ୍ତ ମୋଟା ଆକାର ପୁନଶ୍ଚ ଦ୍ୱିସ୍ତରୀୟ ବ୍ୟବସ୍ଥା ସୁରକ୍ଷା ଦୃଷ୍ଟିରୁ ଏକ ଦୁର୍ଗର ମାନ୍ୟତା ପ୍ରଦାନ କରିଥାଏ। ଏହି ପ୍ରସ୍ତରରେ ଲୌହ ଓ ଆଲୁମିନିୟମ ଅକ୍ସାଇଡରେ ରସାୟନିକ ମିଶ୍ରଣ ହେତୁ ଏହି ପ୍ରାକୃତିକ ପ୍ରସ୍ତରର ଉତ୍ତାପ ଧାରଣ କ୍ଷମତା ଅଧିକ। ପୁନଶ୍ଚ ଏହା ପାଣିପାଗର ବିପରୀତ ପ୍ରଭାବକୁ ମଧ୍ୟ ପ୍ରତିହତ କରିବାରେ ସକ୍ଷମ। ଏହି ପ୍ରାଚୀର ଖରାଦିନେ ଥଣ୍ଡା ଓ ଶୀତଦିନେ ଗରମ ରଖି ବାତାନୁକୂଳ ପରିବେଶ ସୃଷ୍ଟି କରିପାରେ। ଏହି ପ୍ରସ୍ତରରେ ମାଟି, ଚୂନପଥର ଓ ମୁରୁମ ଆଦି ଅଠାଳିଆ ପଦାର୍ଥ ଉପଲବ୍ଧ ଥାଇ କ୍ୱାର୍ଜ, ମାଙ୍ଗାନିଜ ଓ ଟିନ୍ ଆଦି ରସାୟନ ପଦାର୍ଥ ରହିଥାଏ। ଏହି ପ୍ରସ୍ତର ନିର୍ମାଣରେ ବିଭିନ୍ନ ପରସ୍ତ ଥିବାରୁ ଏହା ଶବ୍ଦ ନିରୋଧକ ଭାବେ ପ୍ରତୀୟମାନ ହୁଏ। ଅଳ୍ପ ତରଙ୍ଗ ଯୁକ୍ତ ଶବ୍ଦଧ୍ୱନି ମୁଖ୍ୟତଃ ଏହି ପ୍ରସ୍ତରଭେଦ କରିପାରି ନଥାଏ। ପୁନଶ୍ଚ ସମୁଦ୍ରର ଘର୍ଘର ନାଦ ଉଚ୍ଚ ପ୍ରାଚୀର ଓ ଅତ୍ୟଧିକ ମୋଟାପଣକୁ ଅତିକ୍ରମ କରି ଶ୍ରୀମନ୍ଦିର ମଧ୍ୟକୁ ଭେଦ କରିବାକୁ ସକ୍ଷମ ହୋଇନଥାଏ। ସେହିପରି ନାଲି ମାଙ୍କଡ଼ା ପ୍ରସ୍ତରର ଖଦଡ଼ା ଆବରଣ ଶବ୍ଦ ନିରୋଧକର ଭୂମିକା ନିର୍ବାହକରି ପ୍ରତିଧ୍ୱନି ସୃଷ୍ଟି ହେବାକୁ ମଧ୍ୟ ଦେଇ ନଥାଏ। ଦ୍ୱି ସ୍ତରୀୟ ପ୍ରାଚୀର ବ୍ୟବସ୍ଥାରେ ବାହ୍ୟ ଶବ୍ଦ ପ୍ରଦୂଷଣ ଶ୍ରୀମନ୍ଦିରକୁ ପ୍ରବେଶ କରିବାରେ ଅକ୍ଷମ ହୋଇଥାଏ। ଏହା ହିଁ ବିଜ୍ଞାନ ସିଦ୍ଧାନ୍ତ।



## ରଙ୍ଗତତ୍ତ୍ୱରେ ଚତୁର୍ଦ୍ଧା ମୂର୍ତ୍ତି

ମାନବୀୟ ଲୀଳାରେ ଜଗନ୍ନାଥ ନିଜକୁ ପଞ୍ଚଭୂତର ସମଷ୍ଟି ରୂପ ବ୍ୟାଖ୍ୟାୟିତ କରିଛନ୍ତି। ପଞ୍ଚଭୂତ ମାନସିକ ବିଜ୍ଞାନରେ ରଙ୍ଗତତ୍ତ୍ୱକୁ ନେଇ ପ୍ରଭାବ ବିସ୍ତାର କରିଛି। ପୃଥିବୀ, ଜଳ, ଅଗ୍ନି, ବାୟୁ ଓ ଆକାଶ ଯଥାକ୍ରମେ କଳା (ଶ୍ୟାମଳ), ଲାଲ, ନୀଳ, ହଳଦିଆ ଓ ଶ୍ୱେତ ରଙ୍ଗଦ୍ୱାରା ପ୍ରଦର୍ଶିତ ହୋଇ ମାନବୀୟ ଶରୀର ଓ ମାନସରେ ଯଥେଷ୍ଟ ପ୍ରଭାବ ପକାଇଥାନ୍ତି। ଚତୁର୍ଦ୍ଧାମୂର୍ତ୍ତି ନିଜ ନିଜର ସ୍ୱତନ୍ତ୍ର ରଙ୍ଗ ଭେଦରେ ଶରୀର ଉପରେ ଯଥେଷ୍ଟ ପ୍ରଭାବ କରିଥାନ୍ତି। ସପ୍ତାହର ସୋମବାର ଦିନ ଜଗନ୍ନାଥ ଶ୍ୱେତବସ୍ତ୍ର ପରିଧାନ କରିଥାନ୍ତି। ଏହି ଶ୍ୱେତରଙ୍ଗ ଚନ୍ଦ୍ରଗ୍ରହର ପ୍ରଭାବ ଦର୍ଶାଇ ମତିଶାନ୍ତ, ଶୀତଳ ଶକ୍ତି ପ୍ରଦାନ କରିଥାଏ। କୌଣସି ଶୁଭକାର୍ଯ୍ୟରେ ଧଳାରଙ୍ଗ ପବିତ୍ରତା ପ୍ରତୀକ ହେବା ସହ ମନ ମଧ୍ୟରେ ଆଶା ସଞ୍ଚାର କରିଥାଏ। ମଙ୍ଗଳବାରରେ ଲାଲ ରଙ୍ଗର ବସ୍ତ୍ର ପରିଧାନ କରି ଜଗନ୍ନାଥ ମଙ୍ଗଳଗ୍ରହର ପ୍ରଭାବକୁ ପ୍ରଦର୍ଶିତ କରି ସାହସ, ଶକ୍ତି ଓ ଦକ୍ଷତା ବୃଦ୍ଧି କରିବାରେ ସହାୟକ ହୁଅନ୍ତି। ପଣ୍ଡିତ ବାରରେ ଜଗନ୍ନାଥ ସବୁଜ ରଙ୍ଗ ବସ୍ତ୍ର ପରିଧାନ କରି ମାନସିକ ସନ୍ତୁଳନ ଓ ସକାରାତ୍ମକ ଶକ୍ତିକୁ ସୂଚିତ କରିଥାନ୍ତି। ବୃହସ୍ପତି ଦିବସରେ ହରିଦ୍ରା ରଙ୍ଗରେ ଶୋଭିତ ହୁଅନ୍ତି ଶ୍ରୀଜଗନ୍ନାଥ ଯାହା ସ୍ୱଚ୍ଛତା, ଶୁଦ୍ଧତା, ପବିତ୍ରତା ଓ ଐଶ୍ୱରୀୟ ଆଶିଷର ପ୍ରତୀକ ସନ୍ଦେଶ ପ୍ରଦାନ କରେ। ଶୁକ୍ରବାରରେ ଶ୍ୱେତ କିମ୍ବା ରୁପେଲି ରଙ୍ଗର ବସ୍ତ୍ର ପରିଧାନ କରନ୍ତି ଶ୍ରୀପୁରୁଷୋତ୍ତମ ଯାହାକି ପବିତ୍ରତା, ସ୍ୱଚ୍ଛତା ଓ ଆଧ୍ୟାତ୍ମିକ ଆଶିଷର ପ୍ରତୀକ ସାଜି ଜୀବନରେ ଶାନ୍ତି ଓ ଶାଶ୍ୱତ ପ୍ରଦାନ କରିଥାଏ। ଶନିବାରରେ ଶ୍ରୀଜଗନ୍ନାଥ କାକ ବସ୍ତ୍ର ପରିଧାନ କରି ଜୀବନର ସମସ୍ତ ରଙ୍ଗକୁ ନିଜ ଭିତରେ ସମାହିତ କରିଛନ୍ତି। ଶୂନ୍ୟବାଦର ପ୍ରତୀକ ଜଗନ୍ନାଥ। ଜୀବନର ସମସ୍ତ ଦୁଃଖକୁ ହରଣ କରି ନିଜ ମଧ୍ୟରେ ଲୀନ କରି ଜଗତ ଉଦ୍ଧାର କରନ୍ତି। ଭାନୁ ଦିବସରେ ହଳଦିଆ ଓ କେଶର ରଙ୍ଗର ବେଶଭୂଷା ପରିଧାନ କରି ଜଗନ୍ନାଥ ଔଜ୍ଜ୍ୱଲ୍ୟ, ଜୀବନ ସଂଚର ଶକ୍ତି, ସୁଖ ସମୃଦ୍ଧିର ସଙ୍କେତ ପ୍ରଦାନ କରନ୍ତି। ଜ୍ୟୋତିଷଶାସ୍ତ୍ରରେ ମଧ୍ୟ ବାରରାଶି ଉପରେ ବିଭିନ୍ନ ରଙ୍ଗର ପ୍ରଭାବ ଦିବ୍ୟମାନ। ଜଗନ୍ନାଥ ଏକଗୂଢ଼ ରହସ୍ୟ ତତ୍ତ୍ୱ ହୋଇଥିବାରୁ କଳାରଙ୍ଗ ନିଜ ଶରୀରରେ ସମ୍ମିଳିତ କରିଛନ୍ତି। ଏହି ଶ୍ୟାମଳ ରଙ୍ଗ ଶୂନ୍ୟବ୍ରହ୍ମର ପ୍ରତୀକ ହେବା ସହ ମୋକ୍ଷପ୍ରାପ୍ତର ସଙ୍କେତ ହୋଇଥାଏ। ସୁଭଦ୍ରା ପ୍ରକୃତି ସ୍ୱରୂପିଣୀ ବ୍ରହ୍ମାଣ୍ଡ ପୋଷିକାଥିବାରୁ ହଳଦିଆ ରଙ୍ଗର ଶରୀର ବହନ କରିଛନ୍ତି। ଶକ୍ତି ପ୍ରତୀକ ହେବା ସହ ଭଦ୍ର, ପବିତ୍ର ଓ ସକାରାତ୍ମକ ଚିନ୍ତାଧାରାର ସନ୍ଦେଶ ପ୍ରଦାନ କରେ ହଳଦିଆ ରଙ୍ଗ। ବଳଭଦ୍ରଙ୍କ 'ଶ୍ୱେତରଙ୍ଗ ପବିତ୍ରତାର ସଙ୍କେତ ବହନ କରି ସାତ୍ତ୍ୱିକ କର୍ମର ବାର୍ତ୍ତା ପ୍ରଦାନ କରୁଛି। ଜୀବନରେ ଚାଲିଚଳଣି ଶ୍ୱେତରଙ୍ଗ ସମପବିତ୍ରତା, ସାତ୍ତ୍ୱିକରେ ଲିପ୍ତ କରି ହଳଦିଆ ରଙ୍ଗ ପରି ସକାରାତ୍ମକ ଶକ୍ତି ଓ ଭଦ୍ରତା ପ୍ରଦର୍ଶନ କଲେ ଜଗନ୍ନାଥଙ୍କ ଶୂନ୍ୟବ୍ରହ୍ମକୁ ପ୍ରାପ୍ତ ହେବ। ଅର୍ଥାତ୍ କଳାରଙ୍ଗକୁ ପ୍ରାପ୍ତ କରି ମୋକ୍ଷ ମିଳିବା ସହ ଜନ୍ମମୃତ୍ୟୁ ବୃତ୍ତାନ୍ତରୁ ନିସ୍ତାର ମିଳିବ।

ରଙ୍ଗତତ୍ତ୍ୱ ଜଗନ୍ନାଥ ସଂସ୍କୃତିରେ ସମ୍ମିଳିତ ହୋଇ ମାନବୀୟ କ୍ରିୟା କଳ୍ପକୁ ମନସ୍ତାତ୍ତ୍ୱିକ ବିଜ୍ଞାନର ପ୍ରୟୋଗରେ ଶୃଙ୍ଖଳିତ ଓ ଶାଶ୍ୱତ କରିଥାଏ, ଯାହାକି ଜୀବନ ଓ ସମାଜକୁ ସରସ, ସୁନ୍ଦର କରିଥାଏ।

## ମନ୍ଦିରରେ ଛାୟାହୀନ ସ୍ଥାପତ୍ୟ

ସ୍ଥାପତ୍ୟକଳାର ଅନନ୍ୟ ପରମ୍ପରାର ଗାଥା ବହନ କରି ଶଙ୍ଖକ୍ଷେତ୍ରରେ ଶ୍ରୀମନ୍ଦିରର ଭୌଗୋଳିକ ଅବସ୍ଥିତ ଓ ନିର୍ମାଣ ଶୈଳୀ ଅତୁଳନୀୟ। ଶ୍ରୀମନ୍ଦିରର ମୁଖ୍ୟତଃ ଚାରୋଟି ଢାଞ୍ଚା ରହିଛି ଯଥା :- ବିମାନ କିମ୍ବା ବଡ଼ ଦେଉଳ (ଗର୍ଭଗୃହ), ଜଗମୋହନ (ମୁଖଶାଳା) ନାଟ୍ୟ ମଣ୍ଡପ (ଭକ୍ତ ସମାଗମଶାଳା) ଓ ଭୋଗ ମଣ୍ଡପ। ଏହି ଚାରୋଟି ଢାଞ୍ଚା ପୂର୍ବ –ପଶ୍ଚିମ ଦିଶାରେ ଏକ ରେଖୀୟ ବ୍ୟବସ୍ଥାରେ ଦଣ୍ଡାୟମାନ। ଶ୍ରୀମନ୍ଦିର ମୁଖ୍ୟତଃ କଳିଙ୍ଗ ସ୍ଥାପତ୍ୟ କଳାରେ ନିର୍ମିତ ହୋଇଥିବାବେଳେ ଗର୍ଭଗୃହ ବଡ଼ଦେଉଳ ରେଖ ଶୈଳୀ ବା ନାଗରା ଶୈଳୀ, ବକ୍ରାକୃତି ଢାଞ୍ଚାରେ ନିର୍ମିତ ଓ ଅନ୍ୟ ତିନୋଟି ପିଢ଼ ଶୈଳୀରେ ନିର୍ମିତ। ପୀରାମିଡ୍ ଢାଞ୍ଚାରେ ନିର୍ମିତ ପାର୍ଶ୍ୱ ମନ୍ଦିରଗୁଡ଼ିକ ପାହାଚ ପାହାଚ ସଦୃଶ ପର୍ବତ ଶିଖର ଭାବେ ଦୃଶ୍ୟମାନ। ଏହି ସୁଉଚ୍ଚ ସ୍ତରୀୟ ପିରାମିଡ୍ ଢାଞ୍ଚାରେ ସୂର୍ଯ୍ୟକିରଣ ପଡ଼ିଲେ ଏହାର ଛାୟା ସେହି ଢାଞ୍ଚା ଉପରେ ହିଁ ଲୀନ ହୋଇଯିବା ଅନୁମିତ। ଶ୍ରୀମନ୍ଦିର ନିର୍ମାଣ ଶୈଳୀ ଓ ଭୌଗୋଳିକ ଅବସ୍ଥିତି ଏତେ ଉଚ୍ଚକୋଟୀର ଯେ ଏହା ଉପରେ ପଡୁଥିବା ସୂର୍ଯ୍ୟରଶ୍ମି ବିକିରିତ ହୋଇ ପ୍ରତିବିମ୍ବ ସୃଷ୍ଟି କରିପାରିନଥାଏ। ଏଥିପାଇଁ ଛାୟା କୌଣସି ସମୟରେ କୌଣସି ଜାଗାରେ ଦୃଶ୍ୟମାନ ହୁଏ ନାହିଁ। ଏଥିପ୍ରତି ବୈଜ୍ଞାନିକଙ୍କ ଅଧିକ ଗବେଷଣା ଆବଶ୍ୟକ।


## କୋଇଲି ବୈକୁଣ୍ଠରେ ଜନ୍ମ, ମୃତ୍ୟୁ ବିଜ୍ଞାନ

ନବକଳେବର ଜଗନ୍ନାଥ ସଂସ୍କୃତିର ନଶ୍ୱର କ୍ରିୟାର ନିଛକ ଉଦାହରଣ। ହିନ୍ଦୁ ଧର୍ମ ଅନୁଯାୟୀ, ୮,୧୧,୧୨, ୧୯ ବର୍ଷରେ ଯୋଡ଼ା ଆଷାଢ଼ ମାସରେ ଅଧିମାସ ସମୟରେ ନବକଳେବର ପରମ୍ପରା ଅନୁସୃତ। ମୂର୍ତ୍ତି ଶାସ୍ତ୍ର ଅନୁଯାୟୀ ମହାନିମ୍ବ ବୃକ୍ଷର ସ୍ଥାୟିତ୍ୱ ବାରବର୍ଷ ରହିଥାଏ। ଏହାଛଡ଼ା ଏହାର କୀଟ ପ୍ରତିରୋଧକ ଶକ୍ତି ଥିବାରୁ ଏହାର ଚୟନ ଯଥାର୍ଥ। ମଣିଷ ଯେପରି ପୁରୁଣା ବସ୍ତ୍ର ବର୍ଜନ କରି ନୂତନବସ୍ତ୍ର ପରିଧାନ କରିଥାଏ, ପୁଣି ସେମିତି ଜୀବାତ୍ମା ଶରୀର ତ୍ୟାଗ କରି ନୂତନ ଶରୀର ଆରୋହଣ କରିଥାଏ। ଏହି ଆତ୍ମା ପରିବର୍ତ୍ତନ ପ୍ରକ୍ରିୟାକୁ ଜନ୍ମ ମୃତ୍ୟୁର ବୃତ୍ତାନ୍ତ କୁହାଯାଏ। ମନୁଷ୍ୟର ମୃତ୍ୟୁପରେ ଶରୀର ଚିତାଗ୍ନିରେ ଯେପରି ଭସ୍ମୀଭୂତ ହୁଏ ଶ୍ରୀକୃଷ୍ଣଙ୍କ ଚିତାଗ୍ନି କୋଇଲି ବୈକୁଣ୍ଠରେ ଜଳିଥିବାର ବିଶ୍ୱାସ ରହିଛି। ନିମ୍ବକାଷ୍ଠରେ ଔଷଧୀୟ କଷାତତ୍ତ୍ୱ ଥିବାରୁ ଏହା ସହଜରେ ଜୈବ ବିଭାଜିତ ହୋଇନଥାଏ। ଏଣୁ ଏହା ମୃତ୍ତିକାରେ ଲୀନ ହେବାକୁ ଦୀର୍ଘ ବାରବର୍ଷ ସମୟ ଲାଗେ। ଠିକ୍ ସେମିତି ଶରୀରକୁ ସମାଧି ତିନିରୁ ପାଞ୍ଚ ଫୁଟ ଗର୍ତ୍ତରେ ଦିଆଗଲେ, ଜୈବ ବିଭାଜନ ଅମ୍ଳଜାନ ଉପସ୍ଥିତିରେ ଶୀଘ୍ର ଜୈବିକ ବିଭାଜନ ହୋଇଥାଏ। ଫଳରେ ଶରୀର ସମ୍ପୂର୍ଣ୍ଣ ଭାବେ ମୃତ୍ତିକାରେ ଲୀନ ହୁଏ। ମନୁଷ୍ୟର ଜନ୍ମ ମୃତ୍ୟୁ ବୃତ୍ତାନ୍ତରେ ପଞ୍ଚଭୂତ ଯେ ଭଗବତ୍ ସେବା ପାଇଁ ଉତ୍ସର୍ଗୀକୃତ ତାହା ହିଁ ହୃଦୟଙ୍ଗମ ହେଲେ ଧର୍ମ ଓ ବିଜ୍ଞାନର ସାରସ୍ୱତ ଧାରା ସନ୍ତୁଳିତ ଓ ପ୍ରଶସ୍ତିତ ହେବ।




ଆଧୁନିକ ବିଜ୍ଞାନ ଯେତେ ବିକଶିତ ହେଲେ ମଧ୍ୟ ଆଧ୍ୟାତ୍ମିକ ଧର୍ମୀୟ ଚିନ୍ତାକୁ ଅନୁଭବ କରି ଭଗବତ ସତ୍ତାକୁ ବ୍ୟାଖ୍ୟା କରିବା ଦକ୍ଷତା ରଖିପାରେ ନାହିଁ। ବିଜ୍ଞାନ ଯେଉଁଠି କିଂର୍ତ୍ତବ୍ୟମୂଢ଼ ହୁଏ, ଧର୍ମ ତା'ର ସହାୟକ ହୋଇଥାଏ। ଧର୍ମ ହିଁ ବିଜ୍ଞାନର ସ୍ରଷ୍ଟା। ଏହି ତତ୍ତ୍ୱକୁ ହୃଦୟଙ୍ଗମ କରି ବିକାଶଧାରାରେ ନିୟୋଜିତ ହେଲେ ଏକ ସନ୍ତୁଳିତ ଶାଶ୍ୱତ ପରିବେଶ ସୃଷ୍ଟି ହେବ। ଏହା ହିଁ ଜଗନ୍ନାଥ ସଂସ୍କୃତିରେ ବୈଜ୍ଞାନିକ ଅନୁଚିନ୍ତା ହେବ। ■

ପ୍ରାକ୍ତନ ଅର୍ଥ କମିଟି ସଦସ୍ୟ ,ଓଡ଼ିଶା ସାହିତ୍ୟ ଏକାଡେମୀ, ବୌଦ୍ଧ
ମୋ: ୯୪୩୭୦୭ ୯୦୯ ୯



# ବ୍ରହ୍ମ ପରିବର୍ତ୍ତନର ବୈଜ୍ଞାନିକ ଦୃଷ୍ଟିକୋଣ

**ଜଗନ୍ନାଥଙ୍କର ବାରମାସରେ ତେର ଯାତ୍ରା । ସବୁ ଯାତ୍ରା ମଧ୍ୟରୁ ଶ୍ରେଷ୍ଠଯାତ୍ରା ହେଉଛି ରଥଯାତ୍ରା । ନବକଳେବର ସମୟରେ ଏଇ ରଥଯାତ୍ରାର ମହତ୍ତ୍ୱ ଅଧିକ ବଢ଼ିଯାଏ । କାରଣ ଏଇ ସମୟରେ ଚତୁର୍ଦ୍ଧା ମୂର୍ତ୍ତିଙ୍କର ବିଗ୍ରହର ପରିବର୍ତ୍ତନ କରାଯାଇଥାଏ । କଥାରେ ଅଛି, "ମର୍ତ୍ତ୍ୟ ମଣ୍ଡଳେ ଦେହ ବହି, ଦେବତା ହେଲେ ବି ମରଇ ।" ଏହି ଦୃଷ୍ଟିକୋଣରୁ ଦେଖିଲେ ଦ୍ୱାପର ଯୁଗର ପରିଶେଷରେ ମହାପ୍ରଭୁ ମନୁଷ୍ୟ ଶରୀର ତ୍ୟାଗକରି ବୈକୁଣ୍ଠ ପ୍ରତ୍ୟାବର୍ତ୍ତନ କଲେ । ତା'ର ପରବର୍ତ୍ତୀ କାଳରେ ଜଗନ୍ନାଥ ମହାପ୍ରଭୁ ଦଶାବତାରର ଅବତାର ହିସାବରେ ସମସ୍ତ ହିନ୍ଦୁଧର୍ମାବଲମ୍ବୀ, ବୌଦ୍ଧ ନୀତି ଅନୁସାରେ ବା ବୈଷ୍ଣବମାନଙ୍କ ମତରେ ହିଁ ବିଗ୍ରହ ବୌଦ୍ଧ ଅବତାରୀ ହେଲେ । ଅବତାରି ଜଗନ୍ନାଥଙ୍କର ବିଗ୍ରହ ପରିବର୍ତ୍ତନ ଓ ବ୍ରହ୍ମ ପରିବର୍ତ୍ତନର ବ୍ୟବସ୍ଥା ଅନ୍ୟ କୌଣସି ଦେବଦେବୀ ବା ଅନ୍ୟ ଧର୍ମର ଗୁରୁମାନଙ୍କର ବିଗ୍ରହ ପରିବର୍ତ୍ତନର ଉଦାହରଣ ଦେଖାଯାଏ ନାହିଁ । ଏହା ଏକ ଅନନ୍ୟ ତଥା ଜଗନ୍ନାଥ ସଂସ୍କୃତି ଓ ପରମ୍ପରାର ମାନବୀୟ ଲୀଳାର ଉତ୍କୃଷ୍ଟ ଉଦାହରଣ ।**



ଡାକ୍ତର ଅଶୋକ ମହାପାତ୍ର

ଯେଉଁ ବର୍ଷ ଜ୍ୟୋତିଷବିଦ୍ୟା ଗଣନାରେ ଦୁଇଟି ଆଷାଢ଼ ମାସ ଆସେ, ସେହି ସମୟରେ ମହାପ୍ରଭୁ ଭଗବାନ, ସ୍ୱୟଂ ପରଂବ୍ରହ୍ମଙ୍କର ବିଗ୍ରହ ସହିତ ବ୍ରହ୍ମ ପରିବର୍ତ୍ତନ କରିବାର ପରମ୍ପରା ବହୁକାଳରୁ ପ୍ରଚଳିତ । ଏଇ ପ୍ରକ୍ରିୟା ପ୍ରତି ୧୨ରୁ ୧୯ ବର୍ଷ ମଧ୍ୟରେ ଆସିଥାଏ । ଏହା ହିଁ ମହାପ୍ରଭୁଙ୍କର ପୁନର୍ଜନ୍ମ ବା ପ୍ରାଣ ପ୍ରତିଷ୍ଠା ବା ଜୀବନ୍ୟାସର ସମୟ ।


ଶ୍ରୀଜଗନ୍ନାଥ ପରମ୍ପରାରେ ଚତୁର୍ଦ୍ଧା ମୂର୍ତ୍ତି ନିମ୍ବଗଛର କାଠରୁ ନିର୍ମିତ ହୋଇଥାନ୍ତି, ଯାହାଙ୍କୁ ଆମେ ଦାରୁ ଦେବତା କହିଥାଉ । ସ୍ୱର୍ଗତ ପ୍ରଫେସର ବେଣୀମାଧବ ପାଢ଼ୀ ତାଙ୍କର ଗବେଷଣାର ବିଷୟବସ୍ତୁରେ ଦାରୁ ଦେବତାଙ୍କ ଉପରେ ଅନ୍ୱେଷାମୂଳକ ସନ୍ଦର୍ଭ ରଖି ନିଜକୁ ଜଗନ୍ନାଥ ଧର୍ମର ଏକ ପ୍ରତିଷ୍ଠିତ ପୂଜାରୀ ଭାବେ ପ୍ରତିପାଦିତ କରିଥିଲେ । ଯେଉଁ ନିମ୍ବ ଗଛଗୁଡ଼ିକରୁ ଚତୁର୍ଦ୍ଧା ମୂର୍ତ୍ତିମାନଙ୍କର ବିଗ୍ରହ ନିର୍ମାଣ କରାଯାଏ, ତା'ର ଚୟନ ପ୍ରକ୍ରିୟାରେ ବିଭିନ୍ନ ରୀତିନୀତିର ସହିତ କରାଯାଇଥାଏ । ଏଇ ବ୍ରହ୍ମ ପରିବର୍ତ୍ତନ ଏକ ଅନନ୍ୟ, ମର୍ମସ୍ପର୍ଶୀ ବ୍ୟବସ୍ଥା ।

ଆମେ ସବୁବେଳେ କହି ଆସିଛେ ଜଗନ୍ନାଥଙ୍କର ମାନବୀୟଲୀଳା ଅଦ୍ୱିତୀୟ । ସେ ଲୀଳାମୟ, ଲୀଳାର ଠାକୁର ଓ ତାଙ୍କର ଲୀଳା ଅବିସ୍ମରଣୀୟ । ମଣିଷ ଜୀବନରେ ଆତ୍ମା ହିଁ ପ୍ରାଣଶକ୍ତି, ଜୀବନର ଉଚ୍ଛ ଏବଂ ଶକ୍ତିର ପ୍ରବାହ କେନ୍ଦ୍ର । ଆମର ଚିନ୍ତାରେ ମୃତ୍ୟୁ ପରେ ଆତ୍ମା ଏକ ଶରୀରରୁ ଅନ୍ୟ ଏକ ଶରୀରରେ ପ୍ରବେଶ କରେ । ଆତ୍ମା ଅମର, ଚିରନ୍ତନ ଓ ଅଦାହ୍ୟ । ଏହି ଦୃଷ୍ଟିକୋଣରୁ ଜଗନ୍ନାଥଙ୍କର ନବକଳେବର ସମୟରେ ତାଙ୍କର ଆତ୍ମା କିମ୍ବା ବ୍ରହ୍ମ ପୁରାତନ ବିଗ୍ରହରୁ ବାହାର କରାଯାଇ ନୂତନ ବିଗ୍ରରେ ସ୍ଥାପନା କରାଯାଏ । ଏଇ ପ୍ରକ୍ରିୟାକୁ ଆମେ ବ୍ରହ୍ମ ପରିବର୍ତ୍ତନ ବୋଲି କହିଥାଉ । ଜଗନ୍ନାଥଙ୍କର ବ୍ରହ୍ମ ବିଷୟରେ ଲୋକମାନଙ୍କର ଧାରଣା କମ୍, କାରଣ ଏହା ଏକ ସାଧାରଣ ଆଲୋଚନା ବିଷୟ ବୋଲି ବିବେଚିତ ନୁହେଁ । ଏଣୁ ସାଧାରଣ ଲୋକଙ୍କ ପାଇଁ ସବୁକିଛି ଜାଣିବା ଯୁକ୍ତିଯୁକ୍ତ ମଧ୍ୟ ନୁହେଁ ।

ଆତ୍ମା ବିନା ଶରୀର ମୂଲ୍ୟହୀନ, ସେପରି ବ୍ରହ୍ମବିନା ବିଗ୍ରହମାନଙ୍କର ମୂର୍ତ୍ତି ମୂଲ୍ୟହୀନ । ଭଗବାନ ଗୀତାରେ କହିଛନ୍ତି "ମୁଁ ବ୍ରହ୍ମ, ଚିରନ୍ତନ ଓ ମୋର ଅଂଶ ସବୁ ଜୀବର ଆତ୍ମାରୁ ପରେ ପ୍ରତିଷ୍ଠିତ ।" ହିନ୍ଦୁଧର୍ମରେ ଶ୍ରୀରାମ ଏବଂ ମହାପ୍ରଭୁ ଶ୍ରୀକୃଷ୍ଣ ବିଷ୍ଣୁଙ୍କର ଅବତାର । ସେହିପରି ଜଗନ୍ନାଥ ଏକ ଅବତାର ଏବଂ ବ୍ରହ୍ମସ୍ୱରୂପ । ଦ୍ୱାପର ଯୁଗ ଶେଷରେ ମହାପ୍ରଭୁ ଶ୍ରୀକୃଷ୍ଣ ବୈକୁଣ୍ଠ ପ୍ରତ୍ୟାବର୍ତ୍ତନ କଲେ, ତା'ପରେ ତାଙ୍କର ଶରୀରକୁ ଅଗ୍ନିସ୍ନାନ କରାଯାଇଥିଲା । ହେଲେ ତାଙ୍କର ଶରୀର ଭସ୍ମୀଭୂତ ହେଲେ ମଧ୍ୟ ତାଙ୍କର ହୃଦୟ ସେପରି ରହିଲା । ଏଣୁ ତାକୁ ଏକ କାଠରେ ରଖି ଜାରା ଶବର ଜଳପ୍ରବାହ କରିଥିଲେ । ମହାପ୍ରଭୁଙ୍କର ହୃଦୟ ଭାସି ଭାସି ପୂର୍ବ ଉପକୂଳ ପୁରୁଷୋତ୍ତମ କ୍ଷେତ୍ର ବା ନୀଳାଚଳ ଧାମର ମହୋଦଧି କୂଳରେ ଲାଗିଥିଲା । ଯାହାକୁ ନେଇ ମହାରାଜା ଇନ୍ଦ୍ରଦ୍ୟୁମ୍ନ ଚତୁର୍ଦ୍ଧା ମୂର୍ତ୍ତିଙ୍କ ବିଗ୍ରହରେ ସଂସ୍ଥାପିତ କରିଥିଲେ ।

ମହାପ୍ରଭୁ ଶ୍ରୀକୃଷ୍ଣଙ୍କ ହୃଦୟ ବା ବ୍ରହ୍ମ ଏଇ ପଦାର୍ଥଟି ଅତି ଶକ୍ତିମାନ ଏବଂ ଆଣବିକ ଶକ୍ତିଠାରୁ ଅଧିକ ଶକ୍ତିଶାଳୀ ଓ ପ୍ରଭାବଶାଳୀ । ଏଥି ମଧ୍ୟରେ ନୀଳମଣି (ବିଜ୍ଞାନ ମତରେ Palladium Cone) ଏବଂ ଆଧ୍ୟାତ୍ମିକ ଶକ୍ତି ରହିଛି । ଯେପରିକି ଶକ୍ତିଶାଳୀ ଆଣବିକ ଶକ୍ତି । ମଣିଷ ତା'ର ଆତ୍ମାର ଶରୀର ଜୀବନପ୍ରାପ୍ତ କରି ସାରା ପୃଥିବୀରେ ନିଜକୁ ସ୍ଥାପନା କରେ । ଏହା ମଣିଷର ବୈଦ୍ୟୁତିକ ଚୁମ୍ବକ ପରି କାମ କରେ (Magnetic field), ଯାହାକୁ ଆମେ ମଣିଷର ଆଭାମଣ୍ଡଳ (Aura) ବୋଲି କହିଥାଉ । ଏହି କାରଣ ହୃଦୟଟି ଜୀବନର କର୍ମକେନ୍ଦ୍ର (Amt linga) । ଇଂରାଜୀରେ ଏହାକୁ Soul of Ellip Said ବୋଲି କୁହାଯାଇଥାଏ ।

ଶ୍ରୀ ଜଗନ୍ନାଥ ଭାବର ଦେବତା । ତାଙ୍କର ସବୁ ରୀତିନୀତି ମାନବୀୟ ଲୀଳାର ପ୍ରତୀକ । ଏଣୁ ମଣିଷର ଶରୀର ପରିବର୍ତ୍ତନ ପରି ମହାପ୍ରଭୁଙ୍କର ନବକଳେବର ହିଁ ବିଗ୍ରହ ପରିବର୍ତ୍ତନର ସମୟ । ହେଲେ ଆତ୍ମହୀନ ଶରୀର, ଶକ୍ତିହୀନ ପରି ବ୍ରହ୍ମହୀନ ବିଗ୍ରହ ମୂଲ୍ୟହୀନ । ଏଣୁ ବିଗ୍ରହ ନୂଆ ହେଲେ ମଧ୍ୟ ବ୍ରହ୍ମ ଚିରନ୍ତନ, ଶାଶ୍ୱତ, ଅକ୍ଷୁଣ୍ଣ । ତା'ର କ୍ଷୟ ବା ବିଲୟ ନାହିଁ । ଏଣୁ ନବକଳେବର ସମୟରେ ପୁରୁଣା ବିଗ୍ରହର ବ୍ରହ୍ମକୁ ନେଇ ନୂଆ ବିଗ୍ରହରେ ସ୍ଥାପନା କରିବାର ବ୍ୟବସ୍ଥା ଜଗନ୍ନାଥ ସଂସ୍କୃତିର ପ୍ରାରମ୍ଭରୁ ପ୍ରଚଳିତ ।




ବ୍ରହ୍ମ ପରିବର୍ତ୍ତନର ପ୍ରଥା: ନିର୍ଦ୍ଦିଷ୍ଟ ଦଇତାପତି ବ୍ରହ୍ମ ପରିବର୍ତ୍ତନ ନୀତିଟି ସଂପନ୍ନ କରିଥାନ୍ତି । ସେହିମାନେ ହିଁ ଗୋଟାଏ ବିଗ୍ରହରୁ ଅନ୍ୟ ବିଗ୍ରହକୁ ପରିବର୍ତ୍ତନ କରିଥାନ୍ତି । ଏଇ ପ୍ରଥାଟି ଜଗନ୍ନାଥ ସଂସ୍କୃତିର ସର୍ବଶ୍ରେଷ୍ଠ ନୀତି । ଏଇ ସମୟରେ ଖୁବ୍ କମ୍ ଦଇତାପତି ସେଇ ଗୃହକୁ ପ୍ରବେଶ କରନ୍ତି । ତେଣୁ ଏ ବିଷୟରେ ଲୋକଲୋଚନକୁ ବିଶେଷ ତଥ୍ୟ ଆସିନଥାଏ ।

ପୁରୀ ଦେବଭୂମି (Spiritual Engine World) ଏବଂ ପ୍ରଭୁ ଜଗନ୍ନାଥ ବିଶ୍ୱ ବ୍ରହ୍ମାଣ୍ଡର ସୃଷ୍ଟି ଏବଂ ପାଳନକର୍ତ୍ତା । ହେଲେ ସାରା ପୃଥିବୀର ଲୋକଙ୍କୁ ଏଇ ଜଗନ୍ନାଥ ସଂସ୍କୃତିର ସର୍ବଶ୍ରେଷ୍ଠ ପ୍ରଥା ଉପରେ କିଛି ଜ୍ଞାନ ରହିବା ଆବଶ୍ୟକ । କାରଣ ଭଗବାନଙ୍କର ମାୟା ସାଧାରଣ ମଣିଷ ଜାଣିବା ଅସମ୍ଭବ । ସାଧକ, ଋଷି, ତାନ୍ତ୍ରିକ ଓ ସିଦ୍ଧ ବ୍ୟକ୍ତି ମଧ୍ୟ ଭଗବାନଙ୍କର ମାୟାରେ ବଶୀଭୂତ । ଏଣୁ ଭଗବାନଙ୍କର ଐଶ୍ୱର୍ଯ୍ୟ ଶକ୍ତି (Cosmic Power) ବିଷୟରେ ବିଶେଷ ଜ୍ଞାନ ଲାଭ କରିବା ଏବଂ ଅସାଧର ବିଷୟ । ଏହା ସତ୍ୟ, ଭଗବାନ ସବୁଠାରୁ ଶକ୍ତିଶାଳୀ । ମଣିଷ, ଦେଶ ଏବଂ ରାଜା ବା ସମ୍ରାଟ ନିଜକୁ ସର୍ବଶକ୍ତିମାନ ବୋଲି ଧରି ନିଅନ୍ତି । ହେଲେ ସେମାନେ ଜାଣନ୍ତି ନାହିଁ ସେମାନେ ମର ଏବଂ ଦୈବୀଶକ୍ତି ଦ୍ୱାରା ପ୍ରଭାବିତ । ଏଣୁ ଏଇ ବ୍ରହ୍ମ ପରିବର୍ତ୍ତନ ମନେ ପକେଇଦିଏ ଆମେ ଶକ୍ତିଶାଳୀ ବା ବଳବାନ ନୁହେଁ । ଆଧ୍ୟାତ୍ମିକ ଶକ୍ତି ଆଗରେ ମାନବୀୟ ବଳ ତୁଚ୍ଛ ଏହା ହିଁ ସତ୍ୟ । ବାତ୍ୟା, ବନ୍ୟା ଏବଂ ଭୂମିକମ୍ପରେ ପ୍ରତିପାଦିତ ହୁଏ । 'ନଚଦୈବାତ୍ ପରମ୍ ବଳ ।' ଭଗବାନ ହିଁ ସର୍ବଶକ୍ତିମାନ । ଜଗନ୍ନାଥଙ୍କର ବ୍ରହ୍ମରେ ସବୁଠାରୁ ଶକ୍ତିଶାଳୀ ଜୈବିକ ପଦାର୍ଥ, ତାଙ୍କର ଦାରୁ ବିଗ୍ରହକୁ ପରଂବ୍ରହ୍ମରେ ପରିବର୍ତ୍ତନ କରେ । ଆମକୁ ଭଗବାନଙ୍କର ମାନବୀୟ ଲୀଳାର ପରାକାଷ୍ଠର ସର୍ବୋତ୍ତମ ଉଦାହରଣ ଉପସ୍ଥାପିତ କରିଛନ୍ତି । ଏହା ହିଁ ଜଗନ୍ନାଥ ସଂସ୍କୃତିର ବିଶେଷତ୍ୱ । ■

ପ୍ରାକ୍ତନ କୁଳପତି,
ସୋଆ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

# ଦାରୁ ବିଗ୍ରହ ଓ ବୈଜ୍ଞାନିକ କାରଣ





ଡକ୍ଟର ଭାସ୍କର ମିଶ୍ର

**ଅତ୍ୟନ୍ତ ପ୍ରାଚୀନ ସମୟରୁ ଭାରତୀୟ ସଂସ୍କୃତି, ଧାର୍ମିକ ପରମ୍ପରା ତଥା ସାମାଜିକ ଚଳଣିରେ ବୃକ୍ଷର ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହି ଆସିଅଛି । ହିନ୍ଦୁମାନଙ୍କର ଉପାସନାରେ ତୁଳସୀ ବୃକ୍ଷ, ଅଶ୍ୱତ୍ଥ, ବଟ, ରୁଦ୍ରାକ୍ଷ, ଅଁଳା, ପଳାଶ, ନିମ୍ବ ଆଦି ବୃକ୍ଷର ପୂଜାର୍ଚ୍ଚନା କରାଯାଇଥାଏ । ବୃକ୍ଷ ଲତା ପ୍ରକୃତିର ଏକ ଅନବଦ୍ୟ ସୃଷ୍ଟି । ଏହି ପ୍ରାକୃତିକ ସମ୍ଭାରର ଉପଯୁକ୍ତ ରକ୍ଷଣାବେକ୍ଷଣ ପାଇଁ ପ୍ରାଚୀନ ସମୟରୁ ମୁନି, ଋଷିମାନେ ଏହାକୁ ଧର୍ମୀୟ ଭାବନା ସହ ସଂଯୋଜିତ କରିଛନ୍ତି । 'ପଦ୍ମପୁରାଣ'ର ବର୍ଣ୍ଣନାନୁସାରେ ପଳାଶ, ଅଶ୍ୱତ୍ଥ ଓ ବଟବୃକ୍ଷ, ବ୍ରହ୍ମା, ବିଷ୍ଣୁ , ମହେଶ୍ୱରଙ୍କର ସ୍ଥାବରାକୃତି । ସେହିପରି ଶ୍ୱେତଶ୍ୱେତର ଉପନିଷଦରେ ବର୍ଣ୍ଣନା ପ୍ରକାରେ "ଯଃ ଔଷଧୀଷୁ ଯୋ ବନସ୍ପତିସୁ ତସ୍ମୈଦେବାୟ ନମୋ ନମଃ ।" ଅର୍ଥାତ୍ ଯିଏ ଔଷଧି ସବୁରେ ନିହିତ, ଯିଏ ବନସ୍ପତି ମଧ୍ୟରେ ବିରାଜିତ, ସେହି ପରମାତ୍ମା ଦେବତାଙ୍କୁ ବାରମ୍ବାର ନମସ୍କାର । ପ୍ରାଚୀନ ପୁରାଣ ଶାସ୍ତ୍ରାଦିରେ ବୃକ୍ଷ ବା ବନସ୍ପତିଙ୍କୁ ଦେବତା ବା ଦେବାତ୍ମା ରୂପେ ପରିକଳ୍ପନା କରାଯାଇଛି ।**



ଶ୍ରୀ ଜଗନ୍ନାଥ ଉପାସନାରେ ନିମ୍ବଦାରୁ ବ୍ରହ୍ମଦାରୁ ରୂପେ ଧାରଣ କରେ 'ବ୍ରହ୍ମ'ଙ୍କୁ। ଦାରୁବ୍ରହ୍ମଙ୍କ ନବକଳେବର ଅପୌରୁଷେୟ, ଅବ୍ୟକ୍ତ, ଅଚିନ୍ତ୍ୟ। ଏହି ଦାରୁମୟ ବ୍ରହ୍ମ ସଂସାରର ସକଳ ଦୁଃଖ ଖଣ୍ଡନ କରି ଦିବ୍ୟାନନ୍ଦ ପ୍ରଦାନ କରନ୍ତି ବୋଲି 'ସ୍କନ୍ଦପୁରାଣ'ର ଶ୍ରୀପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟରେ ବର୍ଣ୍ଣନା ରହିଛି । 'ବୈଖାନସ ଆଗମ'ରେ ଦାରୁ ବିଗ୍ରହଙ୍କର ଶ୍ରେଷ୍ଠତ୍ୱ ପ୍ରତିପାଦନ କରାଯାଇଛି। ଏପରିକି 'ପ୍ରତିମା ଲକ୍ଷଣ ସୌଧାଗମ' ଗ୍ରନ୍ଥରେ ନିମ୍ବ ଦାରୁର ଗୁଣ ବର୍ଣ୍ଣନା କରାଯାଇ କୁହାଯାଇଛି ଯେ: - "ନିମ୍ବ ପ୍ରଧାନ ମେ ତେଷାଂ ପ୍ରତିମାଂ ଚ ବିନିର୍ମିତୌ ।"

ନିମ୍ବ ବୃକ୍ଷରେ ରହିଥିବା କେତେକ ଗୁଣ ଅନୁଯାୟୀ (୧) ଏହାର ସ୍ୱାଦତିକ୍ତ ହେତୁ ଏହା ଶୀଘ୍ର କୀଟମାନଙ୍କ ଦ୍ୱାରା ନଷ୍ଟ ହେବାର ସମ୍ଭାବନା ପ୍ରାୟ ନଥାଏ । ନିମ୍ବ ଦାରୁ ବା କାଷ୍ଠ ଅତ୍ୟନ୍ତ କଠିନ, ରଙ୍ଗ କରିବା ପାଇଁ ସୁବିଧାଜନକ ଓ ସର୍ବୋପରି ଛିଦ୍ର ବା ସ୍ତର ହୀନ । ମସୃଣତା ପାଇଁ ବିଶେଷ ଗ୍ରହଣଯୋଗ୍ୟ। ନିମ୍ବ ଦାରୁ ସ୍ୱାଦ ତିକ୍ତତା ହେଉଛି ତ୍ୟାଗ ମାର୍ଗର ପ୍ରତୀକ। ଶ୍ରୀଜଗନ୍ନାଥାଦି ବିଗ୍ରହ ତ୍ୟାଗ ମାର୍ଗର ପ୍ରତୀକ ହେତୁ ଅନ୍ୟାନ୍ୟ କାଷ୍ଠ ପରିବର୍ତ୍ତେ ନିମ୍ବ ଦାରୁରେ ନିର୍ମିତ ହେବା ଗ୍ରହଣୀୟ ମନେ ହୁଏ। ତେବେ ନିମ୍ବ ଦାରୁର ଅନ୍ୟ ଗୁଣ ସମ୍ପର୍କରେ ସ୍କନ୍ଦପୁରାଣରେ ଶ୍ରୀ ପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟରେ କୁହାଯାଇଛି –


" ଦ୍ୟେତି ସଂସାର ଦୁଃଖାନିଦଦାତି ସୁଖମବ୍ୟୟମ୍ ।
ତସ୍ମାତିଦ୍ଦାରୁମୟଂ ବ୍ରହ୍ମ ବେଦାନ୍ତେଷୂପବୀୟତେ ।।"

ଏହି ଦାରୁମୟ ବ୍ରହ୍ମ ସଂସାରର ସକଳ ଦୁଃଖ ଦୂର କରି ମାନବକୁ ଅଖଣ୍ଡ ଆନନ୍ଦ ପ୍ରଦାନ କରିଥାନ୍ତି।

ଜଗତରେ ଅନେକ ଶକ୍ତି ସମ୍ପନ୍ନ ବୃକ୍ଷ ଶାଳ, ପିଆଶାଳ, ଶିଶୁ ଆଦି ଥିଲେ ମଧ୍ୟ ନିମ୍ବ ବୃକ୍ଷରେ ଶ୍ରୀବିଗ୍ରହ ନିର୍ମାଣ କରିବା ପଛରେ ବହୁ ଆୟୁର୍ବେଦୀୟ ଗୁଣ ଓ ବୈଜ୍ଞାନିକ ସିଦ୍ଧାନ୍ତ ରହିଛି। ସଂସ୍କୃତରେ ଏହାକୁ ନିମ୍ବ, ପିଚୁମର୍ଦ୍ଦ, ଅରିଷ୍ଟ, ତିକ୍ତକ ଆଦି କୁହାଯାଏ । "ନିମ୍ବତି ସିଞ୍ଚନ୍ତି ସ୍ୱାସ୍ଥ୍ୟମ୍" ଅର୍ଥାତ୍ ଯାହା ସ୍ୱାସ୍ଥ୍ୟ ବୃଦ୍ଧି କରିବାରେ ସହାୟକ ହୁଏ। ଉଦ୍ଭିଦ ବିଜ୍ଞାନୀମାନେ ଏହାକୁ Azadirechta indica କହନ୍ତି। ଇଂରାଜୀରେ ଏହା margosa tree ଭାବେ ସୁପରିଚିତ। ଆୟୁର୍ବେଦରେ ଏଥିରେ ଥିବା ସମସ୍ତ କୀଟନାଶକ ଗୁଣ ସମ୍ପର୍କରେ ବର୍ଣ୍ଣନା କରାଯାଇଛି। ଏଥିରେ ଥିବା Anti bacteria, Antiviral, Anti fungal, Anti helminthic, Agrochemical ଇତ୍ୟାଦି ଗୁଣ ସହ ବହୁମୁଖୀ ଔଷଧୀୟ ଗୁଣ ଉପରେ ଗବେଷଣା କରି ବୈଜ୍ଞାନିକ ତଥା ଗବେଷକମାନେ ଏହାକୁ ଏକ omnipotent ବା ସର୍ବଶକ୍ତିମାନ ବୃକ୍ଷ ଭାବେ ପ୍ରମାଣିତ କଲେଣି । ଆୟୁର୍ବେଦରେ ଥିବା ଏହି ଗୁଣ ସମ୍ପର୍କରେ ଆଜକୁ ହଜାର ବର୍ଷ ପୂର୍ବରୁ ନିମ୍ବ ବୃକ୍ଷର ଦାରୁରେ ଶ୍ରୀବିଗ୍ରହମାନଙ୍କ ନିର୍ମାଣ କାର୍ଯ୍ୟ ନବକଳେବର ବର୍ଷମାନଙ୍କରେ କରାଯାଉଥିବା ଦୃଷ୍ଟିରୁ ଏହି ଅନନ୍ୟ ଉପାସନାର ମହନୀୟତାକୁ ବୈଜ୍ଞାନିକ ଦୃଷ୍ଟିକୋଣରୁ ପ୍ରତିପାଦିତ କରାଯାଇଛି। ଶ୍ରୀମନ୍ଦିରର ରତ୍ନ ସିଂହାସନରେ ବିରାଜିତ ପଞ୍ଚ ଦାରୁଦେବତାଙ୍କ ମଧ୍ୟରେ ପ୍ରଭୁ ଶ୍ରୀବଳଭଦ୍ର, ଶ୍ରୀଜଗନ୍ନାଥ, ଦେବୀ ସୁଭଦ୍ରା ଓ ଚକ୍ରରାଜ ଶ୍ରୀସୁଦର୍ଶନ ପ୍ରତିବର୍ଷ ସ୍ନାନ ଓ ଶ୍ରୀଗୁଣ୍ଡିଚା ଯାତ୍ରାରେ ଅଗଣିତ ଭକ୍ତଜନଙ୍କୁ ଦର୍ଶନ ଦେଇ କୃତାର୍ଥ କରି ଆସୁଛନ୍ତି।



ଶ୍ରୀଜଗନ୍ନାଥ ଧାମ, ପୁରୀ
ମୋ: ୯୪୩୭୨୮୧୧୦୨



ଉତ୍କଳୀୟ ପରମ୍ପରାରେ ଜଗନ୍ନାଥ ସଂସ୍କୃତି ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ଜଗନ୍ନାଥଙ୍କୁ ଛାଡ଼ି ଓଡ଼ିଆର ସ୍ଥିତି ନାହିଁ । ଯୁଗେ ଯୁଗେ ଓଡ଼ିଆ ଓ ଜଗନ୍ନାଥ ଏକ ଓ ଅଭିନ୍ନ । ଜଗନ୍ନାଥ ହେଉଛନ୍ତି ମାନବବାଦର ଦେବତା । ମନୁଷ୍ୟ ତା'ର ଜୀବନଚର୍ଯ୍ୟା ଭିତରେ ଯାହା ଯାହା କରେ, ଭଗବାନ ମଧ୍ୟ ତାହା ତାହା କରିଥାନ୍ତି । 'ଯଥା ଦେହେ ତଥା ଦେବେ' ନ୍ୟାୟରେ ମନୁଷ୍ୟ ଜୀବନ ବିଜ୍ଞାନ ସହ ଓତପ୍ରୋତ ଭାବେ ଜଡ଼ିତ । ବିନା ବିଜ୍ଞାନ ସହାୟତାରେ ମନୁଷ୍ୟର ବଞ୍ଚିବା କଷ୍ଟକର ବ୍ୟାପାର । ସେହିପରି ଶ୍ରୀମନ୍ଦିର ଓ ଜଗନ୍ନାଥ ସଂସ୍କୃତିରେ ଅନେକ କାର୍ଯ୍ୟ ସମ୍ପାଦିତ ହୁଏ, ଯାହା ବିଜ୍ଞାନସମ୍ମତ । ବିଜ୍ଞାନ କୌଣସି ବିଷୟକୁ ଅନ୍ଧ ଭାବେ ଗ୍ରହଣ ନକରି ବିଭିନ୍ନ ପରୀକ୍ଷାନିରୀକ୍ଷା ମାଧ୍ୟମରେ ସତ୍ୟ ଘଟଣାକୁ ଆମ ଆଗରେ ରଖେ । ବିନା ପ୍ରମାଣରେ ବିଜ୍ଞାନ କୌଣସି ତଥ୍ୟକୁ ସିଦ୍ଧାନ୍ତର ରୂପ ଦେଇନଥାଏ । ବିଜ୍ଞାନ ଦ୍ୱାରା ମନୁଷ୍ୟ ଶରୀର ମଧ୍ୟ ସୁସ୍ଥ ରହେ । ମହାପ୍ରଭୁଙ୍କ ଦୈନନ୍ଦିନ ନୀତି, ସେବା, ପର୍ବପର୍ବାଣି ଆଦିରେ ବିଜ୍ଞାନ ତତ୍ତ୍ୱ ନିହିତ ଅଛି । କାହିଁ କେଉଁ କାଳରୁ ଏହି ସବୁ ନୀତିକାନ୍ତି ପ୍ରଚଳିତ ହୋଇଆସିଛି । ମହାପ୍ରଭୁ ନିଜେ ଏକ ରହସ୍ୟ ରୂପେ ବିଦ୍ୟମାନ । ସେହି କ୍ଷେତ୍ରର ପ୍ରତ୍ୟେକ ବିଷୟକୁ ଅବଲୋକନ କଲେ ଏହା ଜଣାଯାଏ । ତେବେ ଜଗନ୍ନାଥ ସଂସ୍କୃତି ଆମକୁ ଏମିତି ଅନେକ ବିଷୟରେ ସୂଚାଇ ଦିଏ, ଯାହା ବର୍ତ୍ତମାନ ବିଜ୍ଞାନ ଭିତ୍ତିକ ବୋଲି ଗବେଷକମାନେ ମତ ଦିଅନ୍ତି ।

# ଶ୍ରୀଜଗନ୍ନାଥଙ୍କ ନୀତିରେ ବିଜ୍ଞାନ



ବୈଷ୍ଣବ ଚରଣ ଦାଶ

## ମହାପ୍ରଭୁଙ୍କ ଦୈନନ୍ଦିନ ନୀତିରେ ବିଜ୍ଞାନ

ବିଜ୍ଞାନ ଓ ଜଗନ୍ନାଥ ପରସ୍ପର ପରିପୂରକ। ଶ୍ରୀମନ୍ଦିରରେ ହେଉଥିବା ପ୍ରତିଟି କାର୍ଯ୍ୟ ବିଜ୍ଞାନସମ୍ମତ। ଜଗନ୍ନାଥଙ୍କ ପ୍ରତ୍ୟେକ ନୀତି ମନୁଷ୍ୟ ନୀତି ସହ ସମାନ। ସେ ସବୁଦିନ ଦାନ୍ତକାଠିରେ ଦନ୍ତ ଧାବନ କରିଥାନ୍ତି। ସାହାଡ଼ା, ମୁତୁରୀ ଆଦି ଦାନ୍ତକାଠି ଅର୍ପଣ କରାଯାଇଥାଏ। ଦାନ୍ତକାଠିରେ ଦାନ୍ତ ଘଷିଲେ ଦାନ୍ତ ମୂଳ ଦୃଢ଼ ହେବା ସହ ଜୀବାଣୁ ନାଶ ହୋଇଥାନ୍ତି। ଯାହା ଜଗନ୍ନାଥ ସଂସ୍କୃତି ଆମକୁ ଶିକ୍ଷା ଦେଇଥାଏ। ସେହିପରି ମହାପ୍ରଭୁମାନଙ୍କୁ ଚାମର ସେବା ପ୍ରଦାନ କରାଯାଇ ଥାଏ। ଚାମର ଏକ ସ୍ୱତନ୍ତ୍ର ପଦାର୍ଥ। ଚମରୀ ଗାଈର ପୁଚ୍ଛରୁ ଏହା ପ୍ରସ୍ତୁତ ହୋଇଥାଏ। ଚମରୀ ଗାଈର ପୁଚ୍ଛରୁ ଅମ୍ଳଜାନ ନିର୍ଗତ ହେବା ସହ କୀଟାଣୁ ନାଶ କରିଥାଏ। ସେଥିପାଇଁ ଜନ ସମାଗମ ପୂର୍ଣ୍ଣ ଯାତ୍ରାଗୁଡ଼ିକରେ ଚାମର ସେବା ପ୍ରଦାନ କରାଯାଇ ଥାଏ। ଶ୍ରୀକ୍ଷେତ୍ରକୁ ଶଙ୍ଖ କ୍ଷେତ୍ର ବୋଲି ମଧ୍ୟ କୁହାଯାଇଛି। ଶଙ୍ଖ ଏକ ମଙ୍ଗଳର ପ୍ରତୀକ। ଶଙ୍ଖ ଫୁଙ୍କିବା ଦ୍ୱାରା ଅନ୍ତଃକରଣ ଶୁଦ୍ଧ ହେବା ସହ ହୃତ୍‌ପିଣ୍ଡ ଓ ଫୁସ୍‌ଫୁସ୍ କାର୍ଯ୍ୟକ୍ଷମ ହୋଇଥାଏ। ତେଣୁ ଜଗନ୍ନାଥ ସଂସ୍କୃତିରେ ଶଙ୍ଖର ଭୂମିକା ଅନିବାର୍ଯ୍ୟ। ଶ୍ରୀମନ୍ଦିରରେ ବଜାରରେ ବିକ୍ରି ଧୂପକାଠିର ବ୍ୟବହାର ନିଷେଧ। ପ୍ରାକୃତିକ ଧୂପ ଝୁଣା, ଗୁଗୁଳ ଆଦି ପ୍ରସ୍ତୁତ କରି ସମର୍ପଣ ହୁଏ। ସେହି ଝୁଣା ଓ ଗୁଗୁଳ ଶ୍ୱାସକ୍ରିୟାରେ କିଛି ବ୍ୟାଘାତ କରିନଥାଏ।

## ପହିଲି ଭୋଗ




ଶ୍ରୀଜଗନ୍ନାଥ ମନ୍ଦିରରେ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଭୋଗର ବ୍ୟବସ୍ଥା ରହିଛି। ପୌଷ ମାସରେ ମହାପ୍ରଭୁଙ୍କୁ ପହିଲି ଭୋଗ ଅର୍ପଣ କରାଯାଏ। ଏହା ଭୋର୍ ସମୟରୁ ହିଁ କରାଯାଇଥାଏ। କୁହାଯାଏ ସେହି ସମୟରେ ମା' ଲକ୍ଷ୍ମୀ ବାପଘରକୁ ଯାଇଥିବାରୁ ମାଆ ଯଶୋଦା ପୁଅର ମନ ଜାଣି ଖାଇବାକୁ ଦେଇଥାନ୍ତି। ଶୀତଦିନେ ରାତି ବଡ଼ ଓ ଦିନ ସାନ ହୋଇଥାଏ। ରାତି ବଡ଼ ହେବା କାରଣରୁ ଖାଦ୍ୟ ଶୀଘ୍ର ହଜମ ହୋଇଯାଏ। ତେଣୁ ସକାଳୁ ଖାଦ୍ୟର ଆବଶ୍ୟକତା ଥାଏ। ଗରମ ଖାଦ୍ୟ ଶୀତ ଋତୁରେ ଖାଇବା ଉଚିତ। ସେଥିପାଇଁ ଶୀତଦିନେ ମହାପ୍ରଭୁଙ୍କଠାରେ ପହିଲି ଭୋଗର ବ୍ୟବସ୍ଥା ରହିଛି।

## ଅନବସର ସେବା

ସ୍ନାନ ପୂର୍ଣ୍ଣିମାରେ ମହାପ୍ରଭୁ ଶହେ ଆଠ ଗରା ଜଳରେ ସ୍ନାନ କରିଥାନ୍ତି। ଫଳରେ ଶ୍ରୀଜୀଉମାନେ ଜ୍ୱରରେ ପୀଡ଼ିତ ହୁଅନ୍ତି। ଏହାପରେ ଶ୍ରୀଜୀଉମାନଙ୍କୁ ଅନବସର ଗୃହକୁ ନିଆଯାଇ ଥାଏ। ଅନବସରର ପଞ୍ଚମ ଦିନରେ ମହାପ୍ରଭୁମାନଙ୍କୁ ଫୁଲୁରି ତେଲ ଲାଗି ହୁଏ। ଏହି ଫୁଲୁରି ତେଲ ଏକ ବର୍ଷ ତଳୁ ମାଟି ପାତ୍ରରେ ରଖି ମାଟି ତଳେ ପୋତାଯାଇଥାଏ। ସେଥିରେ ଅନେକ ଔଷଧୀୟ ଚେର ମୂଳ, ନାନାଦି ସୁବାସିତ ପୁଷ୍ପ ପକାଯାଇଥାଏ। ଏହି ତେଲକୁ ଶ୍ରୀବିଗ୍ରହମାନଙ୍କୁ ପ୍ରଲେପିତ କରାଯାଏ। ବୈଜ୍ଞାନିକ ଦୃଷ୍ଟିକୋଣରୁ ଦେଖିଲେ ଶ୍ରୀବିଗ୍ରହମାନେ ଦାରୁରେ ନିର୍ମିତ ହୋଇଥାନ୍ତି। ବାରମ୍ବାର ପାଣି ପଡ଼ିବା ଦ୍ୱାରା ତାହା ଫୁଲି ଯିବା ସହ ଶୀଘ୍ର ନଷ୍ଟ ହେବାର ଆଶଙ୍କା ଥାଏ। ତେଣୁ ଏହା ମାଲିସ୍ କରିବା ଦ୍ୱାରା ମଧ୍ୟ ତାହା ନଷ୍ଟ ହୋଇ ନଥାଏ। ଚନ୍ଦନ, କସ୍ତୁରୀର ପ୍ରଲେପ ଲେପିବା ଦ୍‌ବାରା ଶ୍ରୀଅଙ୍ଗକୁ କୀଟ ଆକ୍ରମଣ କରିନଥାଏ। ଅନବସର ସମୟରେ ଅର୍ପିତ ଦଶମୂଳ ମୋଦକ ମଧ୍ୟ ବିଜ୍ଞାନସମ୍ମତ।
ଆୟୁର୍ବିଜ୍ଞାନରେ ଏହି ସମସ୍ତ ଔଷଧି ବିଷୟରେ ବର୍ଣ୍ଣନା ରହିଛି।

## ଶ୍ରୀଜଗନ୍ନାଥଙ୍କ ଦଶାବତାର

ଭଗବାନ ସର୍ବଦା ଅବତାରୀ। ବିଭିନ୍ନ ସମୟରେ ସେ ଦୁଷ୍ଟ ଦମନ ଓ ସାଧୁ ରକ୍ଷା ପାଇଁ ଅନେକ ଅବତାର ଧାରଣ କରିଥିଲେ। ତନ୍ମଧ୍ୟରୁ ଦଶାବତାର ଅନ୍ୟତମ। ମତ୍ସ୍ୟ, କଚ୍ଛପ, ବରାହ, ନୃସିଂହ, ବାମନ, ପର୍ଶୁରାମ, ରାମ, ବଳରାମ ବୁଦ୍ଧଦେବ ଓ କଳ୍‌କୀକୁ ଦଶାବତାର କୁହାଯାଏ। କ୍ରମବିବର୍ତ୍ତନ ଧାରାରେ ଏହା ବିଜ୍ଞାନକୁ ସୂଚାଇ ଥାଏ। ସୃଷ୍ଟିରେ ପ୍ରଥମେ ଜଳଚର ପ୍ରାଣୀର ସୃଷ୍ଟି। ତେଣୁ ମତ୍ସ୍ୟକୁ ଆଦ୍ୟ ଅବତାର ବୋଲି କୁହାଯାଇଛି। ତା'ପରେ ଉଭୟଚର ପ୍ରାଣୀ କଚ୍ଛପ, ସ୍ଥଳଚର ପ୍ରାଣୀ ବରାହ, ଉଭୟ ମନୁଷ୍ୟ ଓ ପ୍ରାଣୀର ମିଶ୍ରିତ ଶରୀର ନୃସିଂହ ନିଆଯାଇଥିଲେ। ମନୁଷ୍ୟ ଶରୀର ପାଇଁ ବାମନ, ଅସ୍ତ୍ର ଶସ୍ତ୍ର ବ୍ୟବହାର ଦ୍ୱାରା ପର୍ଶୁରାମ, ଅବତାର ନେଇଥିବାର ଦେଖିବାକୁ ମିଳେ। ତତ୍ ପରେ ଶିକାର କରି ଜୀବନଧାରଣ କରିଥିବାରୁ ରାମ ଅବତାର ଗ୍ରହଣଯୋଗ୍ୟ। ଶିକାର ପରେ ମନୁଷ୍ୟ କୃଷି କର୍ମ କଲା। କୃଷି କର୍ମ ପାଇଁ ବଳରାମ ଲଙ୍ଗଳ ଧାରଣ କରିଛନ୍ତି। ଶେଷରେ ଶାନ୍ତି ପ୍ରତିଷ୍ଠା ପାଇଁ ବୁଦ୍ଧ ଏବଂ ପାପୀମାନଙ୍କୁ ଦଣ୍ଡ ଦେବା ପାଇଁ କଳ୍‌କୀ ଅବତାରର ସୃଷ୍ଟି।



## ବସ୍ତ୍ର ଲାଗି

ମନୁଷ୍ୟ ଓ ଜଗନ୍ନାଥ ଅଭିନ୍ନ । ମନୁଷ୍ୟ ଯେପରି ଭିନ୍ନ ଭିନ୍ନ ବସ୍ତ୍ର ପିନ୍ଧିଥାଏ, ସେପରି ଶ୍ରୀଜୀଉମାନଙ୍କୁ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ପ୍ରକାରର ବସ୍ତ୍ର ପରିଧାନ କରାଯାଏ। ଶୀତ ଦିନେ ଶରୀରକୁ ଉଷୁମ ରଖିବା ନିହାତି ଆବଶ୍ୟକ। ତେଣୁ ମନୁଷ୍ୟ ସୋଏଟର, ଟୋପି ଆଦି ବ୍ୟବହାର କରେ। ସେହିପରି ମହାପ୍ରଭୁମାନେ ମଧ୍ୟ ଘୋଡ଼ଲାଗି ହୋଇଥାନ୍ତି। ଏହି ଘୋଡ଼ଗୁଡ଼ିକ ରେଶମ କନାରେ ପ୍ରସ୍ତୁତ ହୋଇଥାଏ।

ବିଜ୍ଞାନ ଓ ଜଗନ୍ନାଥ ସଂସ୍କୃତିର ସମନ୍ୱୟ ରହିଥିଲେ ସୁଦ୍ଧା ଆହୁରି ଅନେକ ବିଚିତ୍ର କଥା ଜଗନ୍ନାଥ ସଂସ୍କୃତିରେ ରହି ଆସିଛି। ଯାହାର ରହସ୍ୟ ଭେଦ କରିବା ବିଜ୍ଞାନ ପକ୍ଷରେ ମଧ୍ୟ କଷ୍ଟକର ହୋଇପଡ଼ିଛି। ■



ବୀର ଧନଞ୍ଜୟପୁର, ବୁଗୁଡ଼ା, ଗଞ୍ଜାମ



## ● ଶ୍ରୀଜଗନ୍ନାଥ ସଂସ୍କୃତି

# କେତେ ରହସ୍ୟମୟ, କେତେ ବିଜ୍ଞାନ ସମ୍ମତ



ଡ. ତ୍ରିନାଥ ପଟ୍ଟନାୟକ

ରହସ୍ୟମୟ ଶ୍ରୀଜଗନ୍ନାଥ । କୁହାଯାଇଛି ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କ ରହସ୍ୟ ଦେବତାମାନଙ୍କୁ ଅଗୋଚର । ସବୁକଥା ଜାଣିବା ମାନବ ପକ୍ଷେ କେଉଁଠି ସମ୍ଭବ ହେବ? ବିଚିତ୍ର ସଂସ୍କୃତି ଓ ସଂସ୍କାର । ଗବେଷକମାନେ ଯେତିକି ପ୍ରଯତ୍ନ କରୁଛନ୍ତି ରହସ୍ୟ ଜାଣିବା ନିମନ୍ତେ ସେତିକି ରହସ୍ୟର ଦିଗ୍‌ବଳୟ ଘୁଞ୍ଚି ଘୁଞ୍ଚି ଯାଇଛି । କେବଳ ମରୀଚିକା ପଛରେ ଗୋଡ଼ାଇ ହିଁ ସାର ହେଉଛି । ଏପର୍ଯ୍ୟନ୍ତ ଶ୍ରୀଜଗନ୍ନାଥଙ୍କ ବିଷୟରେ ଯାହା ଲେଖା ଯାଇଛି, ସବୁଥିରେ କିଛି ନା କିଛି ନୂତନତ୍ୱ ଅଛି । ବିଜ୍ଞାନ ସମ୍ମତ ମଧ୍ୟ । ପୁରାଣର ଜଗନ୍ନାଥ ରୁଚିପୂର୍ଣ୍ଣ । ତନ୍ତ୍ରର ଜଗନ୍ନାଥ ରହସ୍ୟମୟ ଓ ଇତିହାସର ଜଗନ୍ନାଥ ବିଚିତ୍ରମୟ । କେତେକ ପୁରାଣ ସାହିତ୍ୟ ଇତିହାସ ଶ୍ରୀଜଗନ୍ନାଥଙ୍କ ରହସ୍ୟକୁ ନେଇ ଲେଖା ଯାଇଛି ଓ ଲେଖା ଯାଉଛି ମଧ୍ୟ । ମାତ୍ର ସଠିକ ରୂପାୟନ ହୋଇପାରୁ ନାହିଁ । ଆଉ ତା'ର ମଧ୍ୟ ଶେଷ ନାହିଁ । ଯେତିକି ଚିନ୍ତା କରିବା ରହସ୍ୟରୁ ରହସ୍ୟମୟ ଶ୍ରୀଜଗନ୍ନାଥ ଆଉ ତାଙ୍କର ପାବନ କ୍ଷେତ୍ର ଶ୍ରୀମନ୍ଦିର ବଢ଼ି ଚାଲିଥିବ । ଶ୍ରୀମନ୍ଦିରର କେତୋଟି ରହସ୍ୟ ଓ ବିଜ୍ଞାନ ସମ୍ମତ କାରଣ ସଂପର୍କରେ ଏଠାରେ ଆଲୋଚନା କରିବା ।



### ନୀଳଚକ୍ର ଓ ପତିତପାବନ ବାନାର ବିଶେଷତ୍ୱ

ନୀଳଚକ୍ରର ଅନ୍ୟ ନାମ ଚକ୍ର ନାରାୟଣ । ନୀଳଚକ୍ରକୁ ଦର୍ଶନ କଲେ ରତ୍ନ ସିଂହାସନସ୍ଥ ଚତୁର୍ଦ୍ଧା ମୂର୍ତ୍ତି ଦର୍ଶନର ଆନନ୍ଦ ଓ ଫଳ ମିଳିଥାଏ । ନୀଳଚକ୍ରକୁ ଚାହିଁ ଯେଉଁ ଭୋଗ ଅର୍ପଣ କରାଯାଏ ତାହାକୁ 'ଚକ୍ର ମଣୋହି' ବୋଲି କୁହାଯାଏ । ଚକ୍ର ମଣୋହି ମହାପ୍ରସାଦର ମାନ୍ୟତା ପାଇଥାଏ । ନୀଳଚକ୍ର ଉପରେ ଯେଉଁ ବାନା ଉଡ଼େ ତାହାର ନାମ 'ପତିତପାବନ ବାନା' । ନୀଳଚକ୍ର ଅଷ୍ଟ ଧାତୁରେ ନିର୍ମିତ । ଏହାର ଓଜନ ପ୍ରାୟ ୧୫୦ କି.ଗ୍ରା. ହେବ । ନୀଳଚକ୍ରର ଉଚ୍ଚତା ୧୨ ଫୁଟ ପରିଧି ୩୬ ଫୁଟ । ଏଥିରେ ଆଠ ଗୋଟିଏ ଅର ଅଛି । ପୁରୀର ନିକଟବର୍ତ୍ତୀ ସ୍ଥାନରେ ଠିଆ ହୋଇ ଯେଉଁ ଦିଗରୁ ଚାହିଁବ, ନୀଳଚକ୍ରର ସମ୍ମୁଖ ଭାଗ ହିଁ ତୁମକୁ ପରିଦୃଶ୍ୟମାନ ହେବ । ଏକାଦଶୀରେ ଚୂନରା ସେବକମାନେ ମହାଦୀପ ଉଠାଇଥାନ୍ତି । ଏହା ହେଉଛି ଚନ୍ଦ୍ରଉଦିଆ ଦୀପ । ନୀଳଚକ୍ର ଉପରେ ପତିତପାବନବାନା ଉଡୁଥାଏ । ଏହି ବାନା ନାଲି ହଳଦିଆ କିମ୍ବା ଧଳା ରଙ୍ଗର ହୋଇଥାଏ । ପତାକାର ଆକାର ତ୍ରିଭୁଜ ସଦୃଶ । ପତାକା ମଧ୍ୟରେ ଉର୍ଦ୍ଧ୍ୱମୁହାଁ ଚନ୍ଦ୍ର ଓ ମଝିରେ ସୂର୍ଯ୍ୟଙ୍କ ଚିତ୍ର । ଭକ୍ତମାନେ ମାନସିକ କରି ନୀଳଚକ୍ର ଉପରେ ବାନା ବାନ୍ଧିଥାନ୍ତି । ଭକ୍ତଙ୍କ ମାନସିକ ଅନୁସାରେ ବାନାର ଆକାର ନିର୍ଦ୍ଧାରିତ ହୁଏ । ନୀଳଚକ୍ର ଉପରେ ଉଡୁଥିବା ବାନାର ନାମ "ପାଦୁକଶୋଷା ବାନା" ।

ପତିତପାବନବାନାର ଏକ ବିଶେଷତ୍ୱ ହେଉଛି ପବନର ବିପରୀତ ଦିଗରେ ଉଡ଼ିବା । ପ୍ରକୃତିର ନିୟମ ହେଉଛି ପବନର ଦିଗରେ ବାନା ଉଡ଼ିବା କଥା ମାତ୍ର ୨୧୫ ଫୁଟ ଉଚ୍ଚରେ ଉଡୁଥିବା ପତିତପାବନବାନା ପବନର ବିପରୀତ ଦିଗରେ ଉଡ଼ିଥାଏ । ସମୁଦ୍ର ଦିଗକୁ ମୁହଁ କରି ସାଧାରଣତଃ ବାନା ବନ୍ଧାଯାଏ । ଏଭଳି ରହସ୍ୟର ଗନ୍ତାଘର ହେଉଛନ୍ତି ଶ୍ରୀମନ୍ଦିର ଓ ଶ୍ରୀଜଗନ୍ନାଥ । ସମୁଦ୍ରର ଗୁରୁଗମ୍ଭୀର ଧ୍ୱନି ପୁରୀର ସର୍ବତ୍ର ଧ୍ୱନିତ ହୁଏ, ମାତ୍ର ଶ୍ରୀମନ୍ଦିର ଭିତରକୁ କିମ୍ବା ସିଂହଦ୍ୱାରକୁ ନୁହେଁ । ସେଥି ନିମନ୍ତେ ମେଘନାଦ ପ୍ରାଚୀର ନିର୍ମାଣ କରାଯାଇଛି । ମେଘନାଦ ପାଚେରି ବାହାରର ଧ୍ୱନିକୁ ନିବାରଣ କରିଥାଏ । ବହୁଦିନ ତଳେ ଶ୍ରୀମନ୍ଦିର ଉପରୁ ଏକ ବିରାଟ ପଥର ଖସି ଆସିଲା ଯାହାର ଓଜନ ୧୫ ଟନ୍ ହେବ, ମାତ୍ର ତାହା ମନ୍ଦିରର କେଉଁ ଅଂଶରୁ ଖସିଲା ଏ ପର୍ଯ୍ୟନ୍ତ ରହସ୍ୟ ହୋଇ ରହିଗଲା ସିନା ଜଣା ପଡ଼ିଲା ନାହିଁ ।

### ବାଇଶ ପାହାଚର ମହିମା

ସିଂହଦ୍ୱାର ବାଟେ ମନ୍ଦିରକୁ ପ୍ରବେଶ କଲାବେଳେ ପ୍ରଥମେ ବାଇଶ ପାହାଚ ଅତିକ୍ରମ କରିବାକୁ ହୁଏ । ଗଣିଲେ ୨୨ ପାହାଚ ହେଉ ନାହିଁ । ଏଣୁ ଗବେଷକମାନେ ଭିନ୍ନ ଭିନ୍ନ କଥା କହିଥାନ୍ତି । ଏହି ପାହାଚ ଦେଇ, ଶଙ୍କର, ଚୈତନ୍ୟ, ନାନକ ପ୍ରମୁଖ ବହୁ ମହାପୁରୁଷ ମନ୍ଦିର ଭିତରକୁ ପ୍ରବେଶ କରିଛନ୍ତି । ଲକ୍ଷ ଲକ୍ଷ ଭଗବତପ୍ରେମୀଙ୍କ ପାଦ ଏହି ପାହାଚରେ ପଡ଼ିଛି । ସେମାନଙ୍କ ପଦସ୍ପର୍ଶରେ ଏହି ପାହାଚ ଶ୍ରେଣୀ ଅତ୍ୟନ୍ତ ପବିତ୍ର ଅଟେ । ଏଠାରେ ଶ୍ରାଦ୍ଧ ତର୍ପଣ ଇତ୍ୟାଦି କରାଯାଇଥାଏ । ପିତୃପୁରୁଷ ଏଠାରେ ଉପସ୍ଥିତ ଥାନ୍ତି ବୋଲି ଲୋକଙ୍କ ଧାରଣା । ମାଆମାନଙ୍କର ଧାରଣା ନିଜ ନିଜ ଶିଶୁମାନଙ୍କୁ ବାଇଶ ପାହାଚରେ ଗଡ଼ାଇଲେ ସେମାନେ ନୀରୋଗ ରୁହନ୍ତି । ଏହି ପାହାଚରେ ଥିବା ପଥର ଗୁଡ଼ିକରେ ଅଦ୍ଭୁତ ରୋଗ ନିବାରଣ ଶକ୍ତି ଅଛି । ସେଥିପାଇଁ ମାଆମାନେ କେତୋଟି ପାହାଚରେ ଶୁଆଇ ଗଡ଼େଇ ଦେଇଥାନ୍ତି । ବଡ଼ମାନେ ମଧ୍ୟ ଗଡ଼ିଥାନ୍ତି ।

### ରୋଗଶୋକ ବିନାଶକ ଗରୁଡ଼ସ୍ତମ୍ଭ

ବଡ଼ଦେଉଳର ନାଟମଣ୍ଡପରେ ଗରୁଡ଼ସ୍ତମ୍ଭ ଅବସ୍ଥିତ । ଏହାର ଉଚ୍ଚତା ପିଣ୍ଡିସହ ୧୦ ଫୁଟ ଓ ଗୋଲେଇ ତିନିଫୁଟ । ସ୍ତମ୍ଭଟି ଏକ ପିଢ଼ ଉପରେ ଅବସ୍ଥିତ । ସ୍ତମ୍ଭ ଉପରେ ଗରୁଡ଼ ମୂର୍ତ୍ତି ଯୋଡ଼ହସ୍ତରେ ରହି ସିଂହାସନ ଆଡ଼କୁ ମୁହଁ କରି ବସିଛନ୍ତି । ଏହି ଗରୁଡ଼ସ୍ତମ୍ଭ ଦେଖିବାକୁ ଧଳା ରଙ୍ଗର । କୌଣସି ଏକ ବୃକ୍ଷର ଗଣ୍ଡିଭଳି ଦେଖାଯାଏ । ସ୍ତମ୍ଭକୁ ସ୍ପର୍ଶ କଲେ ପଥରଠାରୁ ନରମ ଓ ଦାରୁଠାରୁ ଶକ୍ତ ଜଣାପଡ଼େ । କିଏ କହେ ଏହା ଏକ ପ୍ରକାର ଶାଳଗ୍ରାମ, ଗଣ୍ଡୁକି ନଦୀରୁ ଆସିଛି । ଗବେଷକମାନେ କୁହନ୍ତି ଏହା ଫସିଲ୍ ହୋଇପାରେ । ଅନୁମାନ କରାଯାଏ ସ୍ତମ୍ଭ ଭିତରେ ଫମ୍ପା । ଏହା ଭିତରେ କିଛି ରସାୟନିକ ଜଡ଼ିବୁଟି ଔଷଧ ଅଛି । ଫଳରେ ଏହି ସ୍ତମ୍ଭକୁ ସ୍ପର୍ଶକଲେ ରୋଗଶୋକ ଦୂର ହୋଇଯାଉଛି । କିଛି ଜାଣିବା ଲୋକ କୁହନ୍ତି ସ୍ତମ୍ଭ ମଧ୍ୟରେ 'ସ୍ୟମନ୍ତକମଣି' ଅଛି । ଭକ୍ତମାନେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ ପୂର୍ବରୁ ଗରୁଡ଼ ସ୍ତମ୍ଭକୁ କୁଣ୍ଢାଇ ନିଜ ଛାତିରେ ଲଗାଇଥାନ୍ତି । ଏହା ଦ୍ୱାରା ଦିବ୍ୟଶକ୍ତି ଦେହରେ ସଞ୍ଚାର ହୁଏ । ନାନାବିଧ ଅସାଧ ରୋଗ ଉପଶମ ହୋଇଯାଏ ବୋଲି ଲୋକ ବିଶ୍ୱାସ ଅଛି । ଶହ ଶହ ବର୍ଷ ଧରି ଗରୁଡ଼ ସ୍ତମ୍ଭକୁ କୁଣ୍ଢାଇବା ଫଳରେ ସ୍ତମ୍ଭର ମଝି ଅଂଶଟି କ୍ରମେ କ୍ରମେ ସରୁଆ ହୋଇଗଲାଣି । ମାତ୍ର ସେହି ଭଳି ଅବର୍ଣ୍ଣନୀୟ ଶୀତଳତା ଅଛି ।



ସେହିଭଳି ଅରୁଣସ୍ତମ୍ଭର ଛାଇ, କୌଣସି ଋତୁରେ ମଧ୍ୟ ଦେଖାଯାଏ ନାହିଁ । ଏମିତି ବହୁ ବିଚିତ୍ର ଚିତ୍ର ଚିତ୍ରଶାଳା ହେଉଛି ଶ୍ରୀମନ୍ଦିର । ଗବେଷଣା କଲେ ବହୁ ରହସ୍ୟମୟ ଘଟଣା ଦେଖିବାକୁ ମିଳିବ । ସେଥିପାଇଁ ମଣିଷ ମନରେ ଆଗ୍ରହ ଓ ଧୈର୍ଯ୍ୟ ଆବଶ୍ୟକତା ଅଛି । ସର୍ବୋପରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କରୁଣା ହିଁ ରହସ୍ୟ ଉଦ୍‌ଘାଟନର ପାଥେୟ ହୋଇଥାଏ । ■

ସମ୍ପାଦକ, ପୁରାଣ ପତ୍ରିକା, ନିଆଳୀ, ଜି: କଟକ
ମୋ: ୯୯୩୭୮୪୦୩୮୭



ଆୟୁର୍ବେଦ ଚିକିତ୍ସା ବିଜ୍ଞାନ ଓ ଆଧ୍ୟାତ୍ମିକ ବିଜ୍ଞାନର ସଂପର୍କ ଅତି ନିବିଡ଼ । ଆୟୁର୍ବେଦ କହିଲେ ଭାରତୀୟ ସଂସ୍କୃତିର ସେହି ପ୍ରାଗୈତିହାସିକ ପ୍ରାଚୀନ ବୈଦିକ ସଂସ୍କୃତିର ମୂଳ ପରିଚୟ । କାରଣ ଆୟୁର୍ବେଦ ଏକ ଜୀବନବାଦୀ ଶାସ୍ତ୍ର । ତାହାକୁ ଭିତ୍ତିକରି ଗଢ଼ି ଉଠିଛି ଭାରତୀୟ ଧର୍ମଦର୍ଶନ ଓ ପରମ୍ପରା । ସେହିପରି ଆଧ୍ୟାତ୍ମିକ ବିଜ୍ଞାନ ଭାରତୀୟ ଧର୍ମ-ଦର୍ଶନ ଓ ଶାସ୍ତ୍ରକୁ ଭିତ୍ତି କରି ବିକଶିତ, ଯାହା ଭାରତୀୟ ଶାସ୍ତ୍ର ସମୂହ ବେଦ, ବେଦାନ୍ତ, ରାମାୟଣ, ମହାଭାରତ, ଗୀତା ଓ ଭାଗବତରେ ଉଚ୍ଚାରିତ । 'ସର୍ବେ ଭବନ୍ତୁ ସୁଖିନଃ, ସର୍ବେସନ୍ତୁ ନିରାମୟାଃ, ସର୍ବେ ଭଦ୍ରାଣି ପଶ୍ୟନ୍ତୁ, ମା' କଶ୍ଚିଦ୍ ଦୁଃଖ ଭାଗ ଭବେତ୍ ।' ଏହି ବେଦବାଣୀ ହିଁ ଆୟୁର୍ବେଦର ଆଦର୍ଶ ।



# ଶ୍ରୀଜଗନ୍ନାଥ ସଂସ୍କୃତି ଓ ଆୟୁର୍ବେଦ ବିଜ୍ଞାନ



ଡାକ୍ତର ଦୀନବନ୍ଧୁ ମହାରଣା

ଆୟୁର୍ବେଦ ଚିକିତ୍ସା ପଦ୍ଧତି ବହୁ ପୁରାତନ । ଏହାର ସୃଷ୍ଟି ତ୍ରିଗୁଣରୁ ହିଁ ସୃଷ୍ଟି- ସତ୍ତ୍ୱ, ରଜ ଓ ତମ । ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ଏହି ତ୍ରିଗୁଣକୁ ନେଇ ଆୟୁର୍ବେଦ ଚିକିତ୍ସା ବିଜ୍ଞାନ ପ୍ରତିଷ୍ଠିତ । ଏହି ତିନିଗୁଣର ଦୈହିକ ବା ସ୍ଥୂଳ ଗୁଣ ଭୌତିକ ଓ ସୂକ୍ଷ୍ମ ଗୁଣଗୁଡ଼ିକୁ ଆୟୁର୍ବେଦ ଚିକିତ୍ସାରେ ବାତ, ପିତ୍ତ ଓ କଫ ଭାବରେ ବିଚାର କରାଯାଇଛି, ତଥା ତା' ମଧ୍ୟରେ ସୃଷ୍ଟିରେ ଥିବା ସମସ୍ତ କାର୍ଯ୍ୟକାରିତା ଶକ୍ତିକୁ ଅନ୍ତର୍ଭୁକ୍ତ କରାଯାଇଛି । ଏହା ହିଁ ହେଉଛି ତ୍ରିଦୋଷ । ଶରୀରମାଦ୍ୟଂ ଖଳୁ ଧର୍ମ ସାଧନମ୍- ଧର୍ମ ସାଧନା ପାଇଁ ପ୍ରଥମେ ଶରୀରକୁ ରକ୍ଷା କରିବାକୁ ପଡ଼ିବ, ଅର୍ଥାତ୍ ନୀରୋଗ ରଖିବାକୁ ହେବ ।ଆୟୁର୍ବେଦ ଚିକିତ୍ସା ବିଜ୍ଞାନ ବ୍ୟତୀତ ଅନ୍ୟାନ୍ୟ ଚିକିତ୍ସା ପ୍ରଣାଳୀର ଲକ୍ଷ୍ୟ ହେଉଛି ରୋଗକୁ ଉପଶମ କରିବା । କିନ୍ତୁ ପ୍ରାଚୀନ ଭାରତୀୟ ଚିକିତ୍ସା ବିଜ୍ଞାନ ଆୟୁର୍ବେଦର ମୂଳ ଲକ୍ଷ୍ୟ ହେଉଛି – ସୁସ୍ଥ ଲୋକର ସ୍ୱାସ୍ଥ୍ୟ ରକ୍ଷା କରିବା । ଶରୀର ନିରାମୟକରଣ ଓ ଆୟୁବର୍ଦ୍ଧନ ପାଇଁ ଆୟୁର୍ବେଦ ଶାସ୍ତ୍ରରେ ବ୍ୟବସ୍ଥା ଅଛି । ଏଥିପାଇଁ ଦିନଚର୍ଯ୍ୟା ଓ ଋତୁଚର୍ଯ୍ୟା ଭେଦରେ ବିଭିନ୍ନ ମୌଳିକ ସିଦ୍ଧାନ୍ତର ବର୍ଣ୍ଣନା କରାଯାଇଛି । ସକାଳେ ଶଯ୍ୟାତ୍ୟାଗ କରିବାଠାରୁ ଆରମ୍ଭ କରି ରାତ୍ରି ଶୟନ ପର୍ଯ୍ୟନ୍ତ ବିଭିନ୍ନ କର୍ମ ସମାପନ ଭିତରେ ଆୟୁର୍ବେଦ ମତେ ଦିନଚର୍ଯ୍ୟା ଓ ବିଭିନ୍ନ ଋତୁମାନଙ୍କର ପ୍ରାକୃତିକ ପରିସ୍ଥିତି ଅନୁସାରେ ଆହାର ବିହାର ମତେ ଋତୁଚର୍ଯ୍ୟାର ବ୍ୟବସ୍ଥା ରହିଛି ।

## ଦଶମୂଳ ମୋଦକ ଚିକିତ୍ସା

ଶ୍ରୀଜଗନ୍ନାଥ ଓଡ଼ିଆ ଜାତିର ପ୍ରାଣପ୍ରବାହର କେନ୍ଦ୍ରବିନ୍ଦୁ । ଏ ଦେଶର ଜନଜୀବନ ସହିତ ସେ, ଏପରି ଭାବରେ ସଂଶ୍ଳିଷ୍ଟ ଯେ ତାଙ୍କୁ ଆମ ଭିତରେ ଜଣେ ବୋଲି ବିଚାର କରାଯାଏ । ଜଗନ୍ନାଥ ଧାରଣାର ଏହି ବିଭାଗଟି ଅତି ମହାନ । ସେଥିପାଇଁ ସାଧାରଣ ମଣିଷ ଜୀବନରେ ଯେଉଁ ସ୍ୱାଭାବିକ କ୍ରିୟାପ୍ରକ୍ରିୟା ଦେଖାଯାଏ, ତାହା ଜଗନ୍ନାଥଙ୍କଠାରେ ମଧ୍ୟ ଦେଖିବାକୁ ମିଳେ । ମରଣଶୀଳ ଶରୀର ଧାରଣ କରି ଯେପରି ମଣିଷ ରୋଗାକ୍ରାନ୍ତ ହୁଏ, ଜଗତର ନାଥ ହୋଇ ମଧ୍ୟ ଶ୍ରୀଜଗନ୍ନାଥ ସେଥିରୁ ବାଦ୍ ଯାଇନାହାନ୍ତି । ସାଧାରଣ ମଣିଷକୁ ଯେପରି ଜ୍ୱର ହୁଏ, ଶ୍ରୀଜଗନ୍ନାଥ ସେହିପରି ପ୍ରତିବର୍ଷ ଆଷାଢ଼ ମାସ ପ୍ରତିପଦାଠାରୁ ନେତ୍ର ଉତ୍ସବ ପର୍ଯ୍ୟନ୍ତ ୧୫ ଦିନ ଧରି ଜ୍ୱରାକ୍ରାନ୍ତ ହୋଇଥାନ୍ତି । ଜ୍ୱର ହେଲେ ରୋଗୀକୁ ଯେପରି ଭାତ ଖାଇବାକୁ ମନା କରାଯାଏ,ସେହିପରି ଶ୍ରୀଜଗନ୍ନାଥଙ୍କୁ ତାଙ୍କର ନିତ୍ୟନୈମିତ୍ତିକ ପ୍ରସାଦରୁ ବଞ୍ଚିତ କରାଯାଇ କେବଳ ଦୁଗ୍ଧ ସର, ଫଳ, ମୂଳ ଆଦି ଭୋଗ କରାଯାଏ । ଅନ୍ନ ପ୍ରସାଦ ଏହି ସମୟରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ପାଖରେ ପୂଜା କରାଯାଏ । ଏହି ଜ୍ୱରରୁ ଆରୋଗ୍ୟ ହେବା ପାଇଁ ଶ୍ରୀଜଗନ୍ନାଥ ଆୟୁର୍ବେଦ ଚିକିତ୍ସା ଶାସ୍ତ୍ର ଅନୁଯାୟୀ ଦଶମୂଳ ମୋଦକ ବୃହତ୍ ଶାଳପର୍ଣ୍ଣ, ପୃଷ୍ଣପର୍ଣ୍ଣି, ବୃହତୀଦ୍ୱୟ ଓ ଗୋକ୍ଷୀରରୁ ପ୍ରସ୍ତୁତ କରାଯାଏ । ଏହା ତ୍ରିଦୋଷ ନାଶକ । ଏହି ୧୦ ମୂଳ ମୋଦକ ଖାଇବାରେ ଶ୍ରୀଜଗନ୍ନାଥ ସଂପୂର୍ଣ୍ଣ ଆରୋଗ୍ୟ ଲାଭ କରି ରଥଯାତ୍ରା ପାଇଁ ପ୍ରସ୍ତୁତ ହୁଅନ୍ତି ।





ଶ୍ରୀଜଗନ୍ନାଥଙ୍କ ବିଗ୍ରହ ଶ୍ରୀମୁଖରେ ବହୁ ପ୍ରକାର ରଙ୍ଗ ପ୍ରଲେପ ଦିଆଯାଏ । ହିଙ୍ଗୁଳ, ହରିତାଳ, ଶଙ୍ଖ, ବଳା ସହ କସ୍ତୁରୀ ଓ କର୍ପୂର ମିଶ୍ରିତ କରି ଏହି ରଙ୍ଗ ପ୍ରସ୍ତୁତ କରାଯାଏ । କସ୍ତୁରୀ ଓ କର୍ପୂରରେ ଔଷଧୀୟ ଗୁଣ ଭରପୂର ରହିଥିବାରୁ ଏଥିରେ ଆୟୁର୍ବେଦର ବହୁ ମୂଲ୍ୟବାନ ଔଷଧ ପ୍ରସ୍ତୁତ କରାଯାଇପାରୁଛି । ପ୍ରତ୍ୟେକ ଉତ୍କଳୀୟଙ୍କ ପରି ଶ୍ରୀଜଗନ୍ନାଥ ମଧ୍ୟ ସକାଳୁ ଉଠିବା ପରଠାରୁ ରାତ୍ରିରେ ଶୋଇବା ପର୍ଯ୍ୟନ୍ତ ଦାନ୍ତ ଘଷିବା, ସ୍ନାନ କରିବା ଓ ଭୋଜନାଦି କରିଥାନ୍ତି । ଶ୍ରୀଜଗନ୍ନାଥଙ୍କୁ ପ୍ରତି ସକାଳର ମଙ୍ଗଳ ଆରତି ପରେ ଅବକାଶ ବା ସ୍ନାନ କରାଯାଇଥାଏ । ଏହି ସ୍ନାନ ଜଳ କର୍ପୂର, ଦହି, ଅଁଳା, ଚନ୍ଦନ ଓ ସୁବାସିତ ଫୁଲର ମିଶ୍ରଣରେ ପ୍ରସ୍ତୁତ ହୋଇଥାଏ । ଦହିର ପାଞ୍ଚ ପ୍ରକାରଭେଦ ମଧ୍ୟରେ ମଧୁର ଦହି ବୀର୍ଯ୍ୟବର୍ଦ୍ଧକ ବାତନାଶକ । ଅଁଳା ହେଉଛି ଦେହର ସୌନ୍ଦର୍ଯ୍ୟ ବୃଦ୍ଧିକାରକ, ଚକ୍ଷୁ ନିର୍ମଳକାରକ । ଚନ୍ଦନ ହେଉଛି ପିତ୍ତବିକାର, ଭ୍ରମ, ବାନ୍ତି, ଜ୍ୱର, ତୃଷା, କୃମି, ମୁଖରୋଗ, ରକ୍ତପିତ୍ତ, ପାଣ୍ଡୁ, ଶ୍ୱାସ, କାମପ୍ରଶମକ ଅଟେ । ଏହି ଅବକାଶ ବା ସ୍ନାନ ଜଳରେ ଏପରି ଔଷଧୀୟ ଗୁଣ ରହିଛି ଯେ, ଯଦି କୌଣସି ବ୍ୟକ୍ତିର ଅଜୀର୍ଣ୍ଣ ବା ବାତବୃଦ୍ଧି ହୋଇଥାଏ, ତେବେ ତାହା ପାଳନ କଲେ ଶୀଘ୍ର ଆରୋଗ୍ୟ ହୋଇଥାଏ । ଆହୁରି ମଧ୍ୟ ଜଗନ୍ନାଥଙ୍କ ଦେହରୁ ଚନ୍ଦନ ଓ କରାଳ ବାହାରେ, ତାହା କୌଣସି ଝାଡ଼ା ରୋଗୀଙ୍କୁ ଦିଆଗଲେ ଔଷଧ ସଦୃଶ କାମ କରିଥାଏ । ଏଥିରେ କୌଣସି ମନ୍ତ୍ର ମହୌଷଧିର ବ୍ୟବସ୍ଥା ନଥାଏ । କେବଳ ବିଶ୍ୱାସ ହିଁ ମୂଳକଥା ।

ସବୁ ଲୌକିକତା ଭିତରେ ସେ ଅଲୌକିକ । ବିଶ୍ୱନିୟନ୍ତା ହୋଇଥିଲେ ମଧ୍ୟ ଆମର ନିକଟତମ, ଅସାଧାରଣ ହୋଇ ବି ସାଧାରଣ । ଓଡ଼ିଶାର ଜନଜୀବନ ତଥା ଇତିହାସରେ ମହାପ୍ରଭୁ ଯେପରି ମୁଖ୍ୟ ଭୂମିକା ଗ୍ରହର କରିଆସିଛନ୍ତି । ମନୁଷ୍ୟ ରକ୍ତ ମାଂସର ଦେହ ଧାରଣ କରି ଯେଉଁ ଜୀବନଚର୍ଯ୍ୟା ଓ ପ୍ରାକୃତିକ ପ୍ରକ୍ରିୟା ମଧ୍ୟ ଦେଇ ଜୀବନ ନିର୍ବାହ କରେ, ଶ୍ରୀଜଗନ୍ନାଥ ମଧ୍ୟ ସେହିସବୁ ମାନବସୁଲଭ ଜୀବନ ପ୍ରବାହ ଭିତରେ ସାକାର ଶରୀର ରକ୍ଷା କରନ୍ତି । ସେ ତ୍ରିତାପ ହରଣକାରୀ । ତାଙ୍କ ନାମ ଉଚ୍ଚାରଣ ମାତ୍ରେ ସବୁ ଦ୍ୱରିତ ଦୂରୀଭୂତ ହୁଏ । ତଥାପି ସାଧାରଣ ଲୋକ ପରି ସେ ରୋଗାକ୍ରାନ୍ତ ହୁଅନ୍ତି । ରୋଗର ଉପଶମ ପାଇଁ ତଥା ସ୍ୱାସ୍ଥ୍ୟ ରକ୍ଷା ପାଇଁ ପ୍ରାଚୀନ ଆୟୁର୍ବେଦ ଚିକିତ୍ସା ଶାସ୍ତ୍ର ଅନୁଯାୟୀ ତାଙ୍କ ପରିଚର୍ଯ୍ୟାରେ ବହୁ ବ୍ୟବସ୍ଥା କରାଯାଇଛି ।

ଆୟୁର୍ବେଦ ଚିକିତ୍ସା ଶାସ୍ତ୍ରର ବନୌଷଧିଗୁଡ଼ିକ ସହ ଜଗତର ନାଥ ଜଗନ୍ନାଥଙ୍କର ରହିଛି ନିବିଡ଼ ସଂପର୍କ । ସେଥିପାଇଁ ଶ୍ରୀମନ୍ଦିରର ବହୁ କାର୍ଯ୍ୟରେ ଏହି ଆୟୁର୍ବେଦ ଔଷଧ ବୃକ୍ଷର ଉପଯୋଗ ହୋଇଆସୁଛି । ସେହି ବନୌଷଧିଗୁଡ଼ିକ ମଧ୍ୟରେ ନିମ୍ବ, ତୁଳସୀ, ଚନ୍ଦନ, ତ୍ରିଫଳା, କର୍ପୂର ଓ ଜାଇଫଳାଦି ଅନ୍ୟତମ । ଏହି ନିମ୍ବ ସଂପର୍କରେ ଧ୍ୱନ୍ୱନ୍ତରୀ ନିର୍ଘଣ୍ଟରେ ବର୍ଣ୍ଣନା ରହିଛି ।



## ନିମ୍ବର ଆୟୁର୍ବେଦିକ ଗୁଣ

ଆୟୁର୍ବେଦ ଶାସ୍ତ୍ରରେ ବର୍ଣ୍ଣିତ ଅଛି ଯେ, ନିମ୍ବ ଲଘୁ ଗୁଣଯୁକ୍ତ। ବିପାକରେ କଟୁ ରସରେ ତିକ୍ତ ଓ କଷାୟ ଅଟେ। ଏହା ଶୀତବୀର୍ଯ୍ୟ ଜଗନ୍ନାଥ ମହାପ୍ରଭୁଙ୍କର ତ୍ରିଗୁଣରେ ସତ୍ତ୍ୱ ଗୁଣ ଲଘୁ। ଯାହା ଉଦାରମୟ ରସ ମହାଭାବ ରସ, ଯାହାକୁ ସାମାନ୍ୟ ସାଧନାରେ ପ୍ରାପ୍ତ ହୁଏନା, ଏଣୁ ସବୁଠାରୁ ସାଧନ କଲେ ମହାଭାବର ପ୍ରାପ୍ତ ହୋଇପାରିବ। ବିପାକ କଟୁ ଏହା ବଡ଼ସିଂହାରର ତାଡ଼ିଆ ଭୋଗର ପ୍ରମାଣ ଦିଏ। ପୁନଶ୍ଚ କଟୁ ଶବ୍ଦର ଅର୍ଥ ହେଲା – ଯାହାକୁ କୀଟମାନେ ନଷ୍ଟ କରିପାରନ୍ତି ନାହିଁ। ସେଥିପାଇଁ ଶ୍ରୀଜଗନ୍ନାଥଙ୍କ ଆବିର୍ଭାବ ଅନ୍ୟ କୌଣସି ଦ୍ରବ୍ୟରେ ନହୋଇ ହୁଏ ନିମ୍ବ ଦାରୁରେ। ଏ ସଂପର୍କରେ 'ତୁଳସୀ ରାମାୟଣ'ରେ ବର୍ଣ୍ଣନା ରହିଛି ଯେ,

**ଉମାଦାରୁ ଯୋ ସିତକେ ନହିଁ**
**ସବହି ବାବତ୍ ରାମ ଗୋସାଇଁ।**

ଅର୍ଥାତ୍ ଏଠାରେ ନିମ୍ବକୁ ଦାରୁ ବୋଲି କୁହାଯାଇଛି। ଯାହାର ବୀର୍ଯ୍ୟ ଅର୍ଥାତ୍ ଆଧାର ହେଲା ଶୀତଳ ବା ଶୀତ। ପୁନଶ୍ଚ ଏହା ମୂତ୍ରଗତ, କଫ, ପିତ୍ତଦୋଷକ ବିକାରକୁ ଦୂର କରିଥାଏ। ଏହାର ବୀର୍ଯ୍ୟ ଗର୍ଭାଶୟ ଉତ୍ତେଜକ। ଆମାପାଚକ ଦ୍ୱରଘ୍ନ ଓ ବିଷମଜ୍ୱର ପ୍ରତିବିଧକ ହୋଇଥିବାରୁ ଏହାକୁ ଜଗନ୍ନାଥଙ୍କ କଳେବର ରୂପେ ବ୍ୟବହାର କରାଯାଇଛି। ନୃସିଂହ ଅବତାରରେ ଭଗବାନ ସ୍ତମ୍ଭାନ୍ତରାଳୁ ନୃସିଂହ ରୂପେ ଧାରଣ କରି ହିରଣ୍ୟକଶିପୁକୁ ମାରିବା ପରେ ଚିନ୍ତା କଲେ ଯେ ସର୍ବବୃକ୍ଷ ଅପେକ୍ଷା ନିମ୍ବ ବୃକ୍ଷରେ ସମାବିଷ୍ଟ ହେବା ସର୍ବୋତ୍ତମ।

**ନିମ୍ବ ପ୍ରଧାନମତ ତେଷାଂ ପ୍ରତିମାନାଂ ବିନିର୍ମିତେଃ।**

ଅର୍ଥାତ୍ ନିମ୍ବ ବୃକ୍ଷ ପୁରାତନ ହେଲେ ମଳୟ ସ୍ପର୍ଶରେ ଆସି ତାହା ଚନ୍ଦନ ବୃକ୍ଷରେ ପରିଣତ ହୋଇଥାଏ। ଶାସ୍ତ୍ରାନୁସାରେ ବୃକ୍ଷକୁ ପୁରୁଷ, ସ୍ତ୍ରୀ ଓ କ୍ଲୀବ ଭାବରେ ବିଭକ୍ତ କରାଯାଇଛି। ନିମ୍ବ ଦାରୁ ପୁରୁଷ ବୃକ୍ଷ ହୋଇଥିବାରୁ ଏହା ଶକ୍ତି, ଶ୍ରେଷ୍ଠ ଏବଂ ବିଷ୍ଣୁ ବିଗ୍ରହ ନିର୍ମାଣ ପାଇଁ ଉପଯୋଗୀ ଅଟେ। ଜଗନ୍ନାଥଙ୍କର ଅଙ୍ଗଲାଗି ହୋଇଥିବା ଚନ୍ଦନ ଏକ ଆତ୍ମିକ ବୃକ୍ଷ ଭାବେ ପରିଗଣିତ। ମହର୍ଷି ଚରକ ତାଙ୍କ ଗ୍ରନ୍ଥର ୨୫ ଅଧ୍ୟାୟରେ କହିଛନ୍ତି ଯେ – "ସମସ୍ତ ପ୍ରକାର ଦୁର୍ଗନ୍ଧକୁ ହରଣ କରୁଥିବା ଏହି ଚନ୍ଦନ ବୃକ୍ଷ ସର୍ବରୋଗ ନାଶକ ଅଟେ। ଏହା ପିତ୍ତବିକାର, ଭ୍ରମ, ବାନ୍ତି, ଜ୍ୱର, ତୃଷ୍ଣା, ଦାହ, କୃମି, ମୁଖରୋଗ, ରକ୍ତପିତ୍ତ, ପାଣ୍ଡୁ, ଶ୍ୱାସ, କାଶ ପ୍ରଶମକ ଅଟେ। ଚନ୍ଦନ ବୃକ୍ଷର ଉତ୍ପତ୍ତି ସମ୍ବନ୍ଧରେ ପୌରାଣିକ ତଥ୍ୟରୁ ପ୍ରମାଣ ମିଳେ ଯେ, ପୁରୁଷୋତ୍ତମ ନୀଳମାଧବ ରୂପେ ୮୪ ଅଙ୍ଗୁଳ ବିଶିଷ୍ଟ ଇନ୍ଦ୍ରନୀଳମୟୀ ପ୍ରତିମା ରୂପେ କୃଷ୍ଣଗୁରୁ ବୃକ୍ଷମୂଳେ ବିରାଜମାନ କରିଥିଲେ।"



ଏହି କୃଷ୍ଣଗୁରୁ ବୃକ୍ଷ ହେଉଛି କଳାରଙ୍ଗର ଚନ୍ଦନ ବୃକ୍ଷ। ଆୟୁର୍ବେଦ ବିଶେଷଜ୍ଞମାନେ ଏହି ବୃକ୍ଷକୁ ହରିଚନ୍ଦନ ବୃକ୍ଷ ବୋଲି କହିଥାନ୍ତି। ଚନ୍ଦନ ଓ ଚକାଡୋଳା ପରସ୍ପର ପରିପୂରକ। ବର୍ଷସାରା ତିନି ଠାକୁରଙ୍କୁ ଚନ୍ଦନ ଚର୍ଚ୍ଚିତ କରଯାଇଥାଏ। ବିଶେଷ କରି ଅକ୍ଷୟ ତୃତୀୟଠାରୁ ବେଶୀ ଚନ୍ଦନ ଲାଗି ହୋଇଥାଏ। ଚନ୍ଦନ ଶ୍ରୀଜଗନ୍ନାଥଙ୍କର କୃଷ୍ଣ ଶରୀରକୁ ଅଧିକ ଶୁଦ୍ଧପୂତ କରିଥାଏ। ଏବେ ବି ଶ୍ରୀମନ୍ଦିରରେ ଚନ୍ଦନ ଗୃହ ରହିଛି। ସେହି ଗୃହରେ କୃଷ୍ଣଗୁରୁ ବୃକ୍ଷ ଥିଲା। ସେହିଠାରୁ ଆଜି ପର୍ଯ୍ୟନ୍ତ ଧୂପ ଆରତି ଅବକାଶ ପାଇଁ ଚନ୍ଦନ ଘଟୁଆରୀ ସେବକ ଯୋଗାଇ ଆସୁଛନ୍ତି। ଅଣସର ପିଣ୍ଡିରେ ଶ୍ରୀମୁଖ ପ୍ରକ୍ଷାଳନରେ ଚନ୍ଦନ କନକ ଲାଗିଲେ ଚନ୍ଦନ ଓ ସର୍ବଦା ଶ୍ରୀଜଗନ୍ନାଥଙ୍କୁ ଚନ୍ଦନ ଚର୍ଚ୍ଚିତ କରି କଳେବରର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ସୁଗନ୍ଧଯୁକ୍ତ କରିବା ପାଇଁ ପୁଷ୍ପାଳକମାନେ ଶ୍ରୀମନ୍ଦିରରେ ଯଥାସମ୍ଭବ ଯତ୍ନବାନ ହୋଇଥାନ୍ତି। ଆୟୁର୍ବେଦର ଶ୍ରୀଚନ୍ଦନ, ଶ୍ରୀଖଣ୍ଡ ଚନ୍ଦନ, ହରିଚନ୍ଦନ, ରକ୍ତ ଚନ୍ଦନ, କୃଷ୍ଣଗୁରୁ ଚନ୍ଦନ ଆୟୁର୍ବେଦ ଔଷଧ ତିଆରି ପାଇଁ ଯେତେ ଉପଯୋଗୀ ହୋଇଥାଏ, ଶ୍ରୀଜଗନ୍ନାଥଙ୍କ ଉପାସନା ପାଇଁ ମଧ୍ୟ ସେତିକି ଉପଯୋଗୀ ହୋଇଥାଏ।




## ତୁଳସୀର ଔଷଧୀୟ ଗୁଣ

ସଂସ୍କୃତିର ପ୍ରତୀକ ତୁଳସୀ ଶ୍ରୀମନ୍ଦିରରେ ବ୍ୟବହୃତ ହେଉଥିବା ଏକ ପ୍ରଧାନ ଦ୍ରବ୍ୟ। ଏହା ମହାପୁରୁଷଙ୍କ ତିନିବାଡ଼ରେ ଦିନର ସବୁ ସମୟରେ ଲାଗି ହୋଇଥାଏ। ଶ୍ରୀଜଗନ୍ନାଥଙ୍କ ଛଡ଼ାତୁଳସୀ ସେବକ, ସୁଆର କିମ୍ବା ସାଧାରଣ ଭକ୍ତଙ୍କ ପାଇଁ ଏକ ଅମୂଲ୍ୟ ପଦାର୍ଥ। ଦ୍ରବ୍ୟଗୁଣ ଦୃଷ୍ଟିରୁ ତୁଳସୀ ବହୁ ହିତକାରୀ ଓ ବହୁ ରୋଗ ଆଶ୍ଚର୍ଯ୍ୟଜନକ ଭାବେ ଆରୋଗ୍ୟ କରିଥାଏ। ଆୟୁର୍ବେଦ ଔଷଧ ସହିତ ଏହା ଅନୁପାନ ରୂପେ ବ୍ୟବହୃତ ହୋଇଥାଏ। ଦ୍ୱାପର ଯୁଗରେ ସତୀ ତୁଳସୀର ଅଭିଶାପ ଥିଲା ତୁଳସୀ ଶ୍ରୀକୃଷ୍ଣଙ୍କର ମୁଣ୍ଡ ଉପରେ ରହିବା ପାଇଁ। ତେଣୁ ଏ ଯୁଗରେ ତୁଳସୀ ଶ୍ରୀଜଗନ୍ନାଥଙ୍କର ଶିର ମଣ୍ଡନ କରିବା ସହିତ ଭୋଗରେ ଲାଗି ହୋଇଥାଏ।

ସ୍ୱଦେଶୀ ଚିକିତ୍ସା ପଦ୍ଧତି ଆୟୁର୍ବେଦର ମୌଳିକ ଉପାଦାନ ନିମ୍ବ,ତୁଳସୀ, ହରିଡ଼ା, ଅଁଳା, କର୍ପୂର, ଚନ୍ଦନ ଓ ଜାଇଫଳ ବୃକ୍ଷ ସହ ଶ୍ରୀଜଗନ୍ନାଥ ନିଜକୁ ଯେପରି ଭାବେ ସଂପୃକ୍ତ କରିଛନ୍ତି, ତାହା ଚିକିତ୍ସା ବିଜ୍ଞାନ ଓ ଆଧାତ୍ମିକତା ମଧ୍ୟରେ ଏକ ସୁନ୍ଦର ସେତୁ ନିର୍ମାଣ କରେ। ■

ଆୟୁର୍ବେଦ ଗବେଷକ
୧୧୧, ମ୍ୟୁନିସପାଲ ମାର୍କେଟ୍ କମ୍ପ୍ଲେକ୍ସ, ଓଏମ୍‌ପି ଛକ, କଟକ
ମୋ: ୯୪୩୭୦୪୩୧୦୩



# ଶ୍ରୀଜଗନ୍ନାଥ ସଂସ୍କୃତିରେ ବିଜ୍ଞାନ ସମ୍ମତ ଭାବଧାରା



ଅଧ୍ୟାପକ ପବିତ୍ର ମୋହନ ବାରିକ

ଶ୍ରୀଜଗନ୍ନାଥ ସଂସ୍କୃତି ଅନନ୍ୟ, ଅନୁପମ ତଥା ଅସାଧାରଣ । ଏହା ଭକ୍ତି, ମୁକ୍ତି, ପ୍ରୀତି, ଆସ୍ଥା ଓ ବିଶ୍ୱାସ ଦ୍ୱାରା ସୁଦୃଢ଼ ଓ ସମୃଦ୍ଧ । ଶ୍ରୀଜଗନ୍ନାଥ ସଂସ୍କୃତି ବ୍ୟାପକ ଓ ବିସ୍ତୃତ । ସ୍ୱତନ୍ତ୍ର ପରିଚୟ ଓ ପ୍ରତିଷ୍ଠା ଶ୍ରୀଜଗନ୍ନାଥ ସଂସ୍କୃତିର ମୁଖ୍ୟ ଆକର୍ଷଣ । ବାର ମାସ ଓ ତେର ପର୍ବ ଶ୍ରୀଜଗନ୍ନାଥ ସଂସ୍କୃତିର ବୈଶିଷ୍ଟ୍ୟ । ଯାନିଯାତ୍ରା, ଓଷାବ୍ରତ, ଉପାସନା, ପୂଜାପର୍ବ, ଆରାଧନା ପ୍ରଭୃତି ଯାହା ଶ୍ରୀଜଗନ୍ନାଥ ସଂସ୍କୃତିର ଅଂଶ ବିଶେଷ ଶ୍ରୀମନ୍ଦିରରେ ମହା ଆଡ଼ମ୍ବର ଓ ସମାରୋହରେ ପାଳନ କରାଯାଏ । ଧର୍ମ, ଦର୍ଶନ, ତତ୍ତ୍ୱ ଓ ବିଜ୍ଞାନର ଏକ ସାର୍ଥକ ସମନ୍ୱୟ ଦେଖିବାକୁ ମିଳେ ଶ୍ରୀଜଗନ୍ନାଥ ସଂସ୍କୃତିରେ । ବହୁ ପ୍ରାଚୀନ ସମୟରୁ ବଡ଼ଦେଉଳରେ ପ୍ରଚଳିତ ବିଭିନ୍ନ ବିଧି, ବ୍ୟବସ୍ଥା ଓ ବ୍ୟବହାରରେ ବୈଜ୍ଞାନିକ ଚିନ୍ତାଧରା ଓ ଚେତନା । ବିଜ୍ଞାନ ଯାହା ବିଶେଷ ଜ୍ଞାନ ସତ୍ୟ ଓ ତଥ୍ୟ ଉପରେ ପର୍ଯ୍ୟବସିତ । ବିଜ୍ଞାନ ବାସ୍ତବତାର ପ୍ରତିନିଧିତ୍ୱ କରୁଥାଏ ଏବଂ ଏହା ପ୍ରତି ଅଙ୍ଗୀକାରବଦ୍ଧ । ଅନୁରୂପ ଭାବରେ ଶ୍ରୀଜଗନ୍ନାଥ ସଂସ୍କୃତି ବାସ୍ତବ ଧାରାରେ ପରିକଳ୍ପିକ । ବିଜ୍ଞାନର ବୈଚିତ୍ର୍ୟମୟ ସମ୍ଭାରର ସଂଯୋଗ ଘଟିଛି ଶ୍ରୀଜଗନ୍ନାଥ ସଂସ୍କୃତିରେ । ଏହି ସଂସ୍କୃତିର ପ୍ରତ୍ୟେକ ନୀତିକାନ୍ତିରେ ରହିଛି ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ, ଯାହା ମାନବ ସମାଜ ପାଇଁ ଉପାଦେୟ ଓ ଉପଯୋଗୀ । ବିଜ୍ଞ ଓ ପ୍ରଜ୍ଞାଦୀପ୍ତ ଆମ ପୂର୍ବଜମାନଙ୍କର ବୈଜ୍ଞାନିକ ଚିନ୍ତାଧାରା ଓ ବାସ୍ତବ ଜ୍ଞାନ ଯଥେଷ୍ଟ ଥିବାରୁ ଯାହାକୁ ରୂପାନ୍ତରିତ କରିଚନ୍ତି ଶ୍ରୀଜଗନ୍ନାଥ ସଂସ୍କୃତିରେ ।

## ବିଜ୍ଞାନ ସମ୍ମତ ମହାପ୍ରସାଦ

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ମହାପ୍ରସାଦର ମହିମା କେବଳ ଧର୍ମୀୟ ଦୃଷ୍ଟିକୋଣରେ ସୀମିତ ନୁହେଁ । ଏହା ବୈଜ୍ଞାନିକ ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ । ସ୍ୱାସ୍ଥ୍ୟ ପ୍ରତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଚଉଷଠି ପ୍ରକାର ଅନ୍ନ ବ୍ୟଞ୍ଜନାଦି ପ୍ରସ୍ତୁତିରେ ଯେଉଁ ପ୍ରକ୍ରିୟା ଓ ବ୍ୟବସ୍ଥା ରହିଛି ତାହା ପ୍ରଦୂଷଣ ମୁକ୍ତ । ମହାପ୍ରସାଦ ରସ ଧାତୁକୁ ପୂର୍ଣ୍ଣ କରିବା ସହ ପୂର୍ବାପର ଧାତୁ, ରକ୍ତ, ମାଂସ, ଅସ୍ଥି, ମଜ୍ଜା, ମେଦ, ଶୁକ୍ର ପ୍ରଭୃତିକୁ ପୁଷ୍ଟ କରିଥାଏ । ମହାପ୍ରସାଦରେ ଥାଏ ୬୦ ପ୍ରତିଶତ ଶ୍ୱେତସାର, ୨୦ ପ୍ରତିଶତ ପୁଷ୍ଟିସାର ଏବଂ ୨୦ ପ୍ରତିଶତ ସ୍ନେହସାର ଓ ତନ୍ତୁ । ମହାପ୍ରସାଦ ଷଡ଼ରସ ବିଶିଷ୍ଟ ସାତ୍ତ୍ୱିକ ତଥା ଶାକାନ୍ନ ଆହାର ହୋଇଥାଏ । ଏହା ଚିନ୍ତା ଓ ଚେତନାରେ ସାକାରାତ୍ମକ ମନୋଭାବ ସୃଷ୍ଟି କରେ । ଏହା ସଦ୍‌ଜ୍ଞାନ, ଦୀର୍ଘାୟୁ ଓ ଉତ୍ତମ ସ୍ୱାସ୍ଥ୍ୟ ପ୍ରଦାନ କରିଥାଏ । ଅବଢ଼ା କୁଡୁଆରେ ପରିବେଷ୍ଟିତ ଏହି ମହାପ୍ରସାଦ ଶାନ୍ତିପ୍ରଦ, ସଂପୂର୍ଣ୍ଣ ନିରାମିଷ ଓ ଉତ୍ତେଜନା ବିହୀନ । ଏହା ସେବନ କଲେ ଶରୀର ଓ ମନ ଶାନ୍ତ ଶୀଳତ ଓ ଐଶ୍ୱରୀୟ ଆତ୍ମତୃପ୍ତି ମିଳେ । ତେଣୁ ଏହା ବିଜ୍ଞାନ ସମ୍ମତ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ମହାପ୍ରସାଦ ସର୍ବାଦୌ ଅନୁକୂଳ ଓ ଉପକାରୀ ।



## ଶ୍ରୀଜଗନ୍ନାଥ ସଂସ୍କୃତିରେ ପଖାଳ

ଶ୍ରୀଜଗନ୍ନାଥ ମହାପ୍ରଭୁ ପଖାଳ ପ୍ରିୟ । ଶ୍ରୀଜଗନ୍ନାଥ ସଂସ୍କୃତିରେ ପଖାଳ ମଧ୍ୟ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଛି । ଓଡ଼ିଆ ଜାତିର ନିଜସ୍ୱ ଖାଦ୍ୟ ପରମ୍ପରାରେ ପଖାଳ ପାଇଁ ସମଗ୍ର ବିଶ୍ୱରେ ଓଡ଼ିଶା ପ୍ରସିଦ୍ଧ । ୨୦୧୫ ମସିହାରେ ମାର୍ଚ୍ଚ ୨୦ ତାରିଖକୁ ପଖାଳ ଦିବସ ରୂପେ ପ୍ରଥମେ ପାଳନ କରାଯାଇଥିଲା । ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କ ନିକଟରେ ତିନିବେଳା ଦହି ପଖାଳ ଭୋଗ ଲାଗି କରିବାର ପରମ୍ପରା ରହିଛି । ସୁଆର ସେବକମାନେ ମହାପ୍ରଭୁଙ୍କ ନିମନ୍ତେ ପଖାଳ ପ୍ରସ୍ତୁତ କରନ୍ତି । ବଡ଼ ଦେଉଳରେ ଶ୍ରୀଜୀଉମାନଙ୍କ ନିକଟରେ ସୁବାସ ପଖାଳ, ମଲ୍ଲୀ ପଖାଳ



ଓ ଟଭା ପଖାଳ ଇତ୍ୟାଦି ଭୋଗ ଲାଗି କରାଯାଏ । ମହାପ୍ରଭୁଙ୍କ ପଖାଳକୁ ନେଇ ଏକ ସୁନ୍ଦର ଲୋକପ୍ରିୟ ଗୀତ ଓଡ଼ିଆ ଜନଜୀବନକୁ ବହୁଦିନ ଧରି ପ୍ରଭାବିତ କରିଆସୁଅଛି । ଏହି କାଳଜୟୀ ଗୀତକୁ ରଚନା କରିଥିଲେ କବିଚନ୍ଦ୍ର କାଳୀ ଚରଣ ପଟ୍ଟନାୟକ ଓ କଣ୍ଠଦାନ କରିଥିଲେ ସଂଗୀତ ସୁଧାକର ବାଳକୃଷ୍ଣ ଦାସ । ଏହାର ଏକ ପଂକ୍ତି-

" ଓଡ଼ିଆ ଜୀବନ ଧୁଆ ଶାଗପଖାଳ
ଜଗନ୍ନାଥ ରସିଥାଏ ମନେ ତୁ ଭାଳ
ଚାଖି ନାହିଁ ଯେ ଥରେ ଧିକ୍ ତା' ଜୀବନରେ
ମଣିଷ ଯାକରେ ସେ ତ ଅଣ ପୁରୁଷା
ଆସ ଜୀବନ ଧନ ମୋ ପଖାଳ କଂସା ।

ଶକ୍ତି, ସାମର୍ଥ୍ୟ ଓ ଶାରୀରିକ ଅଭିବୃଦ୍ଧିରେ ପଖାଳର ଭୂମିକା ଗୁରୁତ୍ୱପୂର୍ଣ୍ଣ । ସ୍ୱାସ୍ଥ୍ୟ ପାଇଁ ଏହା ଅତ୍ୟନ୍ତ ଉପଯୋଗୀ । ଜଣାଯାଏ ମହାପ୍ରଭୁଙ୍କ ଟଙ୍କ ତୋରାଣି ଓ ପଖାଳ ଭୋଗରେ ପର୍ଯ୍ୟାପ୍ତ ପରିମାଣରେ ପ୍ରୋବାୟୋଟିକ୍ ଥାଏ ।

## ବିଡ଼ିଆ ପାନ ମଣୋହି ପରମ୍ପରା



ବିଶ୍ୱର ବିସ୍ମୟ ଚିର ରହସ୍ୟମୟ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଶ୍ରୀମନ୍ଦିରେ ପ୍ରାଚୀନ ସମୟରୁ ପ୍ରଚଳିତ ଥିବା ବିଭିନ୍ନ ସେବା ପୂଜା ମଧ୍ୟରେ ବିଡ଼ିଆ ପାନ ମଣୋହି ପରମ୍ପରା ଅତି ଭାବୋଦ୍ଦୀପକ ଓ ଭକ୍ତି ରସାତ୍ମକ । ଶ୍ରୀଜୀଉଙ୍କ ସେବାପୂଜା ପ୍ରତ୍ୟହ ବିଡ଼ିଆ ପାନ ମଣୋହି ଏକ ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା ଅଟେ । ଶ୍ରୀଜଗନ୍ନାଥ ସଂସ୍କୃତି ସହିତ ବିଡ଼ିଆ ପାନର ସଂପର୍କ ଅତି ନିବିଡ଼ । ରତ୍ନସିଂହାସନାଧିଷ୍ଠିତ ଶ୍ରୀବିଗ୍ରହମାନଙ୍କର ଦୈନନ୍ଦିନ ରୀତିନୀତିରେ ୧୦୦ରୁ ଅଧିକ ବିଡ଼ିଆ ପାନର ବ୍ୟବହାର କରାଯାଇଥାଏ । ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କର ଷୋଡ଼ଶ ଉପଚାର ମଧ୍ୟରେ ତାମ୍ବୁଲ ସେବା ବା ବିଡ଼ିଆ ପାନ ମଣୋହି ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥାଏ । 'ବୃହତ୍ ସଂହିତା'ର ବର୍ଣ୍ଣନା ଅନୁଯାୟୀ ତାମ୍ବୁଲ ବା ପାନ ସେବନ କଲେ ମନୁଷ୍ୟ ମନରେ ପ୍ରେମ ଭାବ ଉଦ୍ରେକ ହୋଇଥାଏ । ସୌନ୍ଦର୍ଯ୍ୟ ବୃଦ୍ଧି କରେ, ମୁଖଗହ୍ୱର ସୁବାସିତ ହୁଏ । ବ୍ୟକ୍ତିତ୍ୱକୁ ଆକର୍ଷଣୀୟ କରେ । ସେହିପରି ଶରୀରକୁ ଶକ୍ତିବର୍ଦ୍ଧନ କରିବା ସହିତ ମନରେ ପ୍ରଫୁଲ୍ଲତା ଆଣେ । ପାନପତ୍ରରେ ଅନେକ ଔଷଧୀୟ ଗୁଣ ରହିଛି । ରକ୍ତସ୍ରାବ, ମୁଣ୍ଡ ବ୍ୟଥା, ଥଣ୍ଡା, ଅଜୀର୍ଣ୍ଣ, କୋଷ୍ଠକାଠିନ୍ୟ, ଅନ୍ଧାରକଣା, ଅଗ୍ନିମାନ୍ଦ୍ୟ ଯନ୍ତ୍ରଣା ଦୂର କରିବାରେ ପାନପତ୍ର ଓ ରସକୁ ବ୍ୟବହାର କରାଯାଏ । ଏଥିରୁ ପ୍ରମାଣିତ ପାନର ଅନେକ ଔଷଧୀୟ ଗୁଣ ଥିବାରୁ ଏହା ଶ୍ରୀଜଗନ୍ନାଥ ସଂସ୍କୃତିରେ ସ୍ଥାନ ପାଇଛି ।

## ତୁଳସୀର ମାହାତ୍ମ୍ୟ

ଆୟୁର୍ବେଦ ଚିକିତ୍ସା ପଦ୍ଧତିର ଅନ୍ୟତମ ଉପାଦାନ ତୁଳସୀ । ଶ୍ରୀମନ୍ଦିରରେ ବ୍ୟବହୃତ ହେଉଥିବା ଦ୍ରବ୍ୟମାନଙ୍କ ମଧ୍ୟରେ ତୁଳସୀ ଅନ୍ୟତମ । ଏହା ପ୍ରଭୁଙ୍କର ତିନିବାଡ଼ରେ ଦିନର ସବୁ ସମୟରେ ଲାଗି ହୋଇଥାଏ । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଛଡ଼ା ତୁଳସୀ ସେବକ, ସୁଆର ଓ ସାଧାରଣ ଭକ୍ତ ପାଇଁ ଏହା ଏକ ଅମୂଲ୍ୟ ପଦାର୍ଥ । ତୁଳସୀ ବହୁ ହିତକାରୀ ଓ ବହୁ ରୋଗର ଉପଶମ କରିଥାଏ । ତୁଳସୀ ସେବନ କଲେ କାଶ, ଶ୍ୱାସ ଏବଂ ସର୍ଦ୍ଦି ଇତ୍ୟାଦି ଭଲ ହୋଇଥାଏ । ତୁଳସୀ କାଠିରେ ମାଳ କରି ଗଳାରେ ପିନ୍ଧିଲେ ବିଭିନ୍ନ ଚର୍ମ ରୋଗରୁ ରକ୍ଷା ମିଳିଥାଏ । ତୁଳସୀ ପତ୍ରରେ କର୍ପୂର ଥିବାରୁ ଖାଦ୍ୟ ପଦାର୍ଥରେ ପକାଇଲେ କୀଟମାନେ ବସନ୍ତି ନାହିଁ । ତେଣୁ ମଣୋହିର ତୁଳସୀ ପତ୍ର ଲାଗି କରାଯାଏ । ଗୃହ ପରିସରରେ ତୁଳସୀ ଗଛ ଥିଲେ ରୋଗ ସୃଷ୍ଟିକାରୀ ଜୀବାଣୁମାନେ ନଷ୍ଟ ହୋଇଥାନ୍ତି । ତୁଳସୀ ଗଛ ଥିଲେ ସର୍ପ ଘରକୁ ଆସି ନଥାଏ । କାଛୁ, କୁଣ୍ଡିଆ ନିବାରଣକାରୀ ଔଷଧ । ତୁଳସୀର ଔଷଧୀୟ ଗୁଣ ଥିବାରୁ ଶ୍ରୀଜଗନ୍ନାଥ ସଂସ୍କୃତିରେ ଏହାର ଯଥେଷ୍ଟ ଗୁରୁତ୍ୱ ରହିଛି । ଶ୍ରୀଜଗନ୍ନାଥ ସଂସ୍କୃତିରେ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀକୁ ଯଥେଷ୍ଟ ଗୁରୁତ୍ୱ ଦିଏ ଏହାର ପ୍ରମାଣ ମିଳେ ତୁଳସୀର ବ୍ୟବହାରରୁ ।

ଶ୍ରୀଜଗନ୍ନାଥ ସଂସ୍କୃତିରେ ପ୍ରଚଳିତ ବିଭିନ୍ନ ରୀତି, ନୀତି, ଭୋଗ ଓ ବ୍ୟବହୃତ ପଦାର୍ଥଗୁଡ଼ିକରେ ରହିଛି ଅନେକ ବିଜ୍ଞାନ ସମ୍ମତ ଭାବଧାରା, ଯାହା ସାଧାରଣ ଭକ୍ତମାନଙ୍କ ପାଇଁ ଫଳପ୍ରଦ ହୋଇଥାଏ ।

ଇତିହାସ ବିଭାଗ
ସନାତନ ହରିଚନ୍ଦନ ମହାବିଦ୍ୟାଳୟ, ମଦନପୁର, ଖୋର୍ଦ୍ଧା
ମୋ: ୮୮୯୫୧୯୦୪୭୫



ନୀଳାଚଳ ନିବାସାୟ ନିତ୍ୟାୟ ପରମାତ୍ମନେ ।
ବଳଭଦ୍ର ସୁଭଦ୍ରାଭ୍ୟାଂ ଜଗନ୍ନାଥାୟତେ ନମଃ ॥

ଶ୍ରୀଜଗନ୍ନାଥ ହେଉଛନ୍ତି ରହସ୍ୟମୟ ଦେବତା । ତାଙ୍କର ରହସ୍ୟ ଭେଦ କରିବା କାହାରି ପକ୍ଷରେ ସମ୍ଭବ ନୁହେଁ । ଆଗମ, ନିଗମ, ସାରଦା, ଶେଷ, ମହେଶ, ବିଧି ସମସ୍ତେ ନେତି ନେତି ବୋଲି କହୁଛନ୍ତି । ତାଙ୍କର ସମସ୍ତ ରୀତିନୀତି ବିଜ୍ଞାନ ସମ୍ମତ । କାରଣ ସେ ହେଉଛନ୍ତି ବିଜ୍ଞାନର ସ୍ରଷ୍ଟା । ଶ୍ରୀଜଗନ୍ନାଥ ସଂସ୍କୃତି ଅନେକ ବିସ୍ମୟର ଗନ୍ତାଘର । ଶ୍ରୀମନ୍ଦିର ନିର୍ମାଣଠାରୁ ତାଙ୍କ ମୂର୍ତ୍ତିତତ୍ତ୍ୱ ପର୍ଯ୍ୟନ୍ତ ସର୍ବତ୍ର ବିସ୍ମୟ ହିଁ ବିସ୍ମୟ । ଯେଉଁ ସ୍ଥାନକୁ ବିଜ୍ଞାନ ଯାଇପାରିବ ନାହିଁ, ସେହିଠାରେ ଏହି ଚେତନା ପରିଦୃଷ୍ଟ । ଶ୍ରୀଜଗନ୍ନାଥ ମନ୍ଦିରରେ ପ୍ରଚଳିତ ସମସ୍ତ ନୀତିକାନ୍ତି ବିଜ୍ଞାନ ସମ୍ମତ । ସେ ସବୁର କିଞ୍ଚିତ୍ ଆଲୋଚନାକୁ ନେଇ ପ୍ରସ୍ତୁତ ଏହି ଆଲେଖ୍ୟ ।



ଡକ୍ଟର ଅଭିମନ୍ୟୁ ବରାଳ

# ଶ୍ରୀଜଗନ୍ନାଥ ସଂସ୍କୃତିରେ ବୈଜ୍ଞାନିକ ତତ୍ତ୍ୱ

## ରଥ ନିର୍ମାଣ

ଶ୍ରୀଜଗନ୍ନାଥଙ୍କ ରଥ ଏକ ବିସ୍ମୟ। ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟ ବା ଅକ୍ଷୟ ତୃତୀୟା ଦିନ ତାଳଧ୍ୱଜ, ନନ୍ଦିଘୋଷ ଓ ଦେବଦଳନ ଏହି ତିନି ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ଆଷାଢ଼ ଶୁକ୍ଳ ପ୍ରତିପଦା ଦିନ ଶେଷ ହୁଏ । ଏତେ କମ୍ ସମୟ ଭିତରେ ଏଡ଼େ ଏଡ଼େ ବିଶାଳ ରଥ ନିର୍ମିତ ହୋଇ ଆଷାଢ଼ ପ୍ରତିପଦା ଦିନ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଦଣ୍ଡାୟମାନ ହୁଅନ୍ତି । ଦ୍ୱିତୀୟା ଦିନ ରଥଯାତ୍ରା ହୁଏ । କୌଣସି ଆଧୁନିକ ଯନ୍ତ୍ରପାତିର ସାହାଯ୍ୟ ନନେଇ ବିଶ୍ୱକର୍ମା ମହାରଣା ସେବକମାନେ ଏହାକୁ ନିର୍ଭୁଲ ଭାବେ ନିର୍ମାଣ କରିଥାନ୍ତି । ହଜାର ହଜାର ବର୍ଷ ଧରି ଏହି ରଥଯାତ୍ରାରେ ରଥରେ କୌଣସି ଅଘଟଣ ଘଟି ନାହିଁ। କେବେ ମଧ ରଥରେ କିଛି କ୍ଷତି ଘଟି ଶ୍ରୀଜୀଉଙ୍କ ଅଡ଼ପ ମଣ୍ଡପ ଯାତ୍ରାରେ କୌଣସି ପ୍ରତିବନ୍ଧକ ଉପୁଜି ନାହିଁ। ରଥ ନିର୍ମାଣ ପଦ୍ଧତି ମୁଖ୍ୟ ବିଶ୍ୱକର୍ମାଙ୍କ ନିର୍ଦ୍ଦେଶରେ କରାଯାଇଥାଏ । ଏବେ ଆଧୁନିକ ବିଜ୍ଞାନର ସାହାଯ୍ୟରେ କୌଣସି ଜିନିଷ ନିର୍ମାଣ ହେଲେ ସେ ୨/୪ ଦିନରେ ଅଚଳ ହୋଇଯାଉଛି । ରଥ ନିର୍ମାଣ ଶୈଳୀ ଆଧୁନିକ ବିଜ୍ଞାନଠାରୁ ବହୁତ ଊର୍ଦ୍ଧ୍ୱରେ ।





## ଶ୍ରୀମନ୍ଦିର ନିର୍ମାଣ

ଶ୍ରୀବତ୍ସ ଖଣ୍ଡଶାଳ ପ୍ରାସାଦ ଶ୍ରୀମନ୍ଦିରର ନିର୍ମାଣ ଶୈଳୀ ସଂପୂର୍ଣ୍ଣ ଭାବେ ବାସ୍ତୁଶାସ୍ତ୍ର ସମ୍ମତ । ବାସ୍ତୁଶାସ୍ତ୍ର ଏକ ବିଜ୍ଞାନ । ଭାରତୀୟ ଶିଳ୍ପୀମାନେ ଏହାର ଉପଯୋଗ ସମସ୍ତ ନିର୍ମାଣ କାର୍ଯ୍ୟରେ କରିଥାନ୍ତି। ତେଣୁ ବର୍ଷ ବର୍ଷ ଧରି ସେ ନିର୍ମାଣରେ କୌଣସି ତ୍ରୁଟିବିଚ୍ୟୁତି ଦେଖାଯାଏ ନାହିଁ। ପ୍ରାୟ ଏକ ହଜାର ବର୍ଷ ପୂର୍ବେ ପୁରୀର ବଡ଼ଦେଉଳ ମହାରାଜ ଅନଙ୍ଗଭୀମ ଦେବଙ୍କ ସମୟରେ ନିର୍ମିତ ହୋଇଥିଲା । ସେହି ସମୟରେ ସିମେଣ୍ଟ ପ୍ରଭୃତି କୌଣସି ବସ୍ତୁ ବାହାରି ନଥିଲା । ତେଣୁ ଓଡ଼ିଆ ଶିଳ୍ପୀମାନେ ପଥରକୁ ପଥର ଏପରି ଭାବରେ ଯୋଡ଼ିଛନ୍ତି ଯେ ଏତେ ଦିନ ପର୍ଯ୍ୟନ୍ତ ସେହି ମନ୍ଦିରର କୌଣସି ପଥର ବିଚ୍ୟୁତ ହୋଇନାହିଁ। ଶ୍ରୀମନ୍ଦିରର ତଳଭାଗରେ ଥିବା ପଦ୍ମଫୁଲର ପାଖୁଡ଼ା ପଥରରେ ନିର୍ମିତ ହୋଇଥିଲେ ମଧ ତାହା ଏବେ ଦାଉଦାଉ ଝଟକୁଛି । ବିରାଟ ବିରାଟ ପଥରକୁ ମନ୍ଦିର ଉପରକୁ ଉଠାଇବା ପାଇଁ ସେତେବେଳେ କୌଣସି ଆଧୁନିକ କ୍ରେନ୍ ନଥିଲା । ସେହି ଶିଳ୍ପୀକୁଳ ସ୍ୱ ସ୍ୱ ପ୍ରାଚୀନ ଜ୍ଞାନକୌଶଳ ପ୍ରୟୋଗ କରି ଏଡ଼େ ବିଶାଳ ମନ୍ଦିର ନିର୍ମାଣ କରିଛନ୍ତି। ଏହା ହିଁ ଉତ୍କଳ ଶିଳ୍ପୀଙ୍କର କଳା ନୈପୁଣ୍ୟ । ମନ୍ଦିର ନିର୍ମାଣ ଏଭଳି ଭାବରେ ହୋଇଛି ଯେ, ଗର୍ଭଗୃହ, ନାଟ ମନ୍ଦିର, ଜଗମୋହନ ଓ ଭୋଗ ମଣ୍ଡପ ସବୁ ନିୟନ୍ତ୍ରିତ ଭାବରେ ପରିଚାଳିତ ହେଉଛି । ଅଧୁନା ଜନସଂଖ୍ୟା ବୃଦ୍ଧି କାରଣରୁ ସାମାନ୍ୟ କିଛି ବିଶୃଙ୍ଖଳା ପରିଦୃଷ୍ଟ ହେଉଛି ।

କୂର୍ମ ବେଢ଼ା ମଧରେ ଥିବା ମାତା ଲକ୍ଷ୍ମୀଙ୍କ ମନ୍ଦିର ଜଗମୋହନରେ ସଦାସର୍ବଦା ମନ୍ଦପବନ ପ୍ରବାହିତ ହୁଏ । ଦର୍ଶନାର୍ଥୀମାନେ ସେଠାରେ ଦଣ୍ଡେ ବିଶ୍ରାମ ନେଇ ମନ୍ଦିରକୁ ଯାଆନ୍ତି । ମନ୍ଦିରର ଜଗମୋହନରେ ଥିବା ସାତ ପାହାଚ ଦେଇ ଭକ୍ତମାନେ ଶ୍ରୀମନ୍ଦିରକୁ ପ୍ରବେଶ କରି ମହାପ୍ରଭୁଙ୍କୁ ଦର୍ଶନ କରିଥାନ୍ତି। ଶ୍ରୀମନ୍ଦିର ମଧକୁ ସମୁଦ୍ର ଗର୍ଜନ ଶୁଭେ ନାହିଁ। ଏହା ମଧ ଏକ ଆଶ୍ଚର୍ଯ୍ୟ ।

## ପାକଶାଳା

ଶ୍ରୀଜଗନ୍ନାଥଙ୍କ ପାକଶାଳା ସଂପୂର୍ଣ୍ଣ ବୈଜ୍ଞାନିକ ପଦ୍ଧତିରେ ନିର୍ମିତ । ଏହା ଶ୍ରୀମନ୍ଦିରର ଅଗ୍ନିକୋଣରେ ଅବସ୍ଥିତ ବାସ୍ତୁଶାସ୍ତ୍ରାନୁଯାୟୀ ଏହା ଉପଯୁକ୍ତ ସ୍ଥାନ । ସେଠାରେ ପ୍ରତ୍ୟହ ତିନି ଧୂପ ପାଇଁ ଷାଠିଏ ପଉଟି ଅନ୍ନ ଓ ବିଭିନ୍ନ ବ୍ୟଞ୍ଜନ ପ୍ରସ୍ତୁତ କରାଯାଏ । ଯେତେ ଖାଇଲେ , ବୋହିଲେ ସରେ ନାହିଁ କିମ୍ବା ନିଅଣ୍ଟ ହୁଏ ନାହିଁ। କୌଣସି ବ୍ୟକ୍ତି ପୁରୀରେ ଅଭୁକ୍ତ ରହେ ନାହିଁ। କାରଣ ସ୍ୱୟଂ ଅନ୍ନପୂର୍ଣ୍ଣା ମା' ଲକ୍ଷ୍ମୀ ବ୍ୟଞ୍ଜନ ପ୍ରସ୍ତୁତ କରନ୍ତି ।

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିରରେ ଯାହା ସବୁ ଭୋଗ କରାଯାଏ, ତାହା ମହାପ୍ରସାଦ । ଭାରତର ସମସ୍ତ ବିଷ୍ଣୁ କ୍ଷେତ୍ରରେ ଭୋଗ ହେଉଥିବା ପଦାର୍ଥ ମହାପ୍ରସାଦ ହୁଏ ନାହିଁ। ଏହାର କାରଣ ହେଲା ଶ୍ରୀଜଗନ୍ନାଥ ତତ୍ତ୍ୱ ଶାକ୍ତ ତତ୍ତ୍ୱ ପୂର୍ଣ୍ଣାଙ୍ଗ ପ୍ରତିଷ୍ଠା ଉପରେ ଆଧାରିତ । ମହାପ୍ରସାଦର ତାତ୍ପର୍ଯ୍ୟ ହେଲା, ଷଡ଼ାଙ୍ଗ ନ୍ୟାସ ଦ୍ୱାରା ଏହାର ଅନ୍ନତ୍ୱ ଲୋପ କରାଯାଇ, ବ୍ରହ୍ମତ୍ୱ ଆରୋପଣ କରାଯାଏ। ଷଡ଼ାଙ୍ଗ ନ୍ୟାସ ହେଲା, ବୈଷ୍ଣବାଗ୍ନିରେ ମା' ଲକ୍ଷ୍ମୀଙ୍କ ସୁପରିଚାଳନାରେ ରନ୍ଧନ ହୁଏ । ନବଚକ୍ର ଯନ୍ତ୍ର ମଧରେ ସ୍ୱର୍ଣ୍ଣମୟ ପାତ୍ରରେ ରଖାଯାଏ । ମନ୍ତ୍ରରାଜ ଦ୍ୱାଦଶାକ୍ଷରୀ ଗୋପାଳ ମନ୍ତ୍ରରେ ନିବେଦନ କରାଯାଏ । ତତ୍‌ପରେ ମହା ଭୈରବୀ



ବିମଳାଙ୍କୁ ଅର୍ପଣ କରାଯାଏ । ଶେଷରେ ବିଶ୍ୱକ୍ ସେନ, ଶୁକ, ପ୍ରହଲ୍ଲାଦ ପ୍ରଭୃତି ଅଷ୍ଟ ବୈଷ୍ଣବଙ୍କୁ ଅନ୍ନ ବଳିଦାନ କରାଯାଏ । ଫଳତଃ ମହାପ୍ରସାଦର ପୂର୍ଣ୍ଣ ମହାନତା ସଂପାଦିତ ହୋଇଥାଏ ।

ପାକଶାଳାରେ ଛଅ ଗୋଟି ଝିଙ୍କ ଥିବା ଚୁଲା ବା ଷଟ୍‌କୋଣାତ୍ମକ ଅଗ୍ନି ଯନ୍ତ୍ରରେ ପାକ ପ୍ରସ୍ତୁତ ହୁଏ । ଏହି ଛଅଟି ଝିଙ୍କା ହେଲା ଷଟ୍ ଚକ୍ର । ଯଥା – ବ୍ରହ୍ମଚକ୍ର, ଶ୍ରୀଚକ୍ର, ଭୈରବୀଚକ୍ର, ପୀଠଚକ୍ର, ନୀଳଚକ୍ର ଓ ଦେବଚକ୍ର । ଏହାପରେ ପୀଠେଶ୍ୱରୀ, ରାଜ ରାଜେଶ୍ୱରୀ ବିମଳାଙ୍କୁ ସମର୍ପିତ ହେବା ପରେ ଏହା ମହାପ୍ରସାଦ ହୁଏ । ଏହି ପାକଶାଳାରେ ପାକ ପ୍ରସ୍ତୁତ ହେବା ପ୍ରଣାଳୀ ଅତ୍ୟନ୍ତ ବିସ୍ମୟକର । ପାକଶାଳାରେ ୬ଟି ଝିଙ୍କା ଥିବା ଚୁଲାରେ ବେଦୋକ୍ତ ମନ୍ତ୍ରରେ ବୈଷ୍ଣବାଗ୍ନି ସ୍ଥାପନ କରାଯାଏ । ଏହି ଚୁଲାରେ କାଠ ଜଳିଜଳି ଅଙ୍ଗାର ହେବା ପରେ ସେହି ଅଙ୍ଗାର ବା ରଡ଼ରେ ରନ୍ଧନ କରାଯାଏ । ଏହି ପ୍ରଣାଳୀରେ ତଳୁ ଉପର ଯାଏ ୯ ଗୋଟି ହାଣ୍ଡି ବା କୁଡୁଆ ଏକକାଳୀନ ବସେ । ଏକକାଳୀନ ପାକ ହେଲେ ମଧ୍ୟ ଉପରେ ଥିବା ଅନ୍ନ ପ୍ରଥମେ ସିଦ୍ଧ ହୋଇଥାଏ । ଏଠାରେ ଯାହା ସବୁ ପାକ କରାଯାଏ ତାହା ଅତ୍ୟନ୍ତ ସୁମିଷ୍ଟ ହୁଏ । ଏଥିରେ ତେଲ, ମସଲା କିଛି ପଡ଼େ ନାହିଁ । ଏହି ପଦ୍ଧତିରେ ଖୁବ୍ ଶୀଘ୍ର ପାକ କାର୍ଯ୍ୟ ସରିଯାଏ । ଏହି ମହାପ୍ରସାଦ ଯିଏ, ଯେତେ ଖାଇଲେ ମଧ୍ୟ ଅଜୀର୍ଣ୍ଣ ହୁଏ ନାହିଁ । ଶ୍ରୀଜଗନ୍ନାଥଙ୍କ ରୋଷଶାଳାରେ ଗଙ୍ଗା, ଯମୁନା ନାମରେ ଦୁଇଟି କୂଅ ଅଛି । ସେହି କୂଅର ଜଳରେ ପାକ ପ୍ରସ୍ତୁତ କରାଯାଏ । ସେ କୂଅର ଜଳ କେବେ ଶୁଖେ ନାହିଁ । ସେହି ଜଳରେ ପାକ ହେଉଥିବାରୁ ଏହା ଅତ୍ୟନ୍ତ ସୁମିଷ୍ଟ ହୋଇଥାଏ ।





## ଅଣସର ନୀତି

ସ୍ନାନ ପୂର୍ଣ୍ଣିମା ଦିନ ମହାପ୍ରଭୁ ସ୍ନାନବେଦୀରେ ୧୦୮ କୁମ୍ଭ ଜଳରେ ସ୍ନାନ କରିବା ଦ୍ୱାରା ତାଙ୍କୁ ଥଣ୍ଡା ଓ ଜ୍ୱର ହୋଇଥାଏ । ତେଣୁ ଶ୍ରୀମନ୍ଦିର ରତ୍ନସିଂହାସନକୁ ଯାଇ ନପାରି ଜଗମୋହନରେ ଥିବା ଅଣସର ପିଣ୍ଡିରେ ପ୍ରଭୁ ପ୍ରାୟ ୧୫ ଦିନ ବିଶ୍ରାମ କରନ୍ତି । ସେହି ବିଶ୍ରାମ ସମୟରେ ପ୍ରଭୁଙ୍କୁ ଜ୍ୱର ଜନିତ ବିଭିନ୍ନ ଉପଚାର କରାଯାଇଥାଏ । ଅଣସର ଘରେ ଅନେକ ଗୁପ୍ତ ନୀତି ସଂପାଦିତ ହୁଏ । ଜ୍ୱର ହେଲେ, ଯେପରି ପ୍ରଥମେ ତରଳ ଖାଦ୍ୟ ତା'ପରେ ଆସ୍ତେ ଆସ୍ତେ କଠିନ ଖାଦ୍ୟ ଦିଆଯାଏ, ଅଣସର ଘରେ ପାଞ୍ଚ ଦିନ ପରେ ଫୁଲୁରି ତେଲ ଲାଗି କରାଯାଏ । ବଡ଼ ଓଡ଼ିଆ ମଠର ମହନ୍ତ ମହାରାଜ ଖାଣ୍ଟି ରାଶି ତେଲର କିଛି ସୁବାସିତ ପଦାର୍ଥ ପକାଇଥାନ୍ତି । ଏହି ସୁବାସିତ ଦ୍ରବ୍ୟର ଔଷଧୀୟ ଗୁଣ ରହିଥାଏ । ତିନି ଗୋଟିଏ ପାତ୍ରରେ ତିନି ଦିଅଁଙ୍କ ପାଇଁ ହେରା ପଞ୍ଚମୀ ଦିନ ଏକ ଗୋପନୀୟ ସ୍ଥାନରେ ମାଟି ତଳେ ପୋତି ରଖିଥାନ୍ତି । ଅଣସର ବେଳେ ତାହାକୁ ବାହାର କରି ପ୍ରଦାନ କରାଯାଏ । ସେବକମାନେ ତାହାକୁ ପ୍ରଭୁଙ୍କ ଶ୍ରୀଅଙ୍ଗରେ ଘସିଥାନ୍ତି । ଏହା ଦ୍ୱାରା କିଛି ଉପଶମ ହୋଇଥାଏ । ପୁନଶ୍ଚ ଦଶମୂଳ ପାଚନ ମୋଦକ ଓଷୁଅ ରାଜବୈଦ୍ୟ ପ୍ରଦାନ କରନ୍ତି । ତାହାକୁ ଲାଗି ହେବା ଦ୍ୱାରା ଜ୍ୱର ସଂପୂର୍ଣ୍ଣ ଭଲ ହୋଇଯାଏ । ପ୍ରଭୁ ସୁସ୍ଥ ହୁଅନ୍ତି । ଏହି ଆୟୁର୍ବେଦ ମଧ୍ୟ ଏକ ବିଜ୍ଞାନ । ଯାହା ବହୁ ପୂର୍ବରୁ ଜଗନ୍ନାଥ ସଂସ୍କୃତିରେ ପ୍ରଚଳିତ ଅଛି ।

## ମୂର୍ତ୍ତି ତତ୍ତ୍ୱ



ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତି ତତ୍ତ୍ୱ ଆହୁରି ରହସ୍ୟମୟ । ସେହି ବିଚିତ୍ର ମୂର୍ତ୍ତି ଦେଖିଲେ ମନ ଭିତରେ କେତେ ପ୍ରକାର ଧାରଣା ସୃଷ୍ଟି ହୁଏ । ଜଗନ୍ନାଥ ଯେ ମହାବିଜ୍ଞାନର ସ୍ୱରୂପ ଏଠାରେ ତାହା ପ୍ରତିପାଦିତ ହୋଇଛି । ଏ ଅଦ୍ଭୁତ ମୂର୍ତ୍ତିକୁ ଦେଖି ଉତ୍କଳ ଘଣ୍ଟ ଯଦୁମଣି କହିଛନ୍ତି : " ମିତ ମିତଣୀରେ ମୋ ମନ ରହିଲା ଲାଖି, ଭାଲୁଣୀ ପରାଏ ଏଡ଼ିକି ମୁହଁକୁ ଚାଲୁଣି ପରାଏ ଆଖି ।" ଇତ୍ୟାଦି । ତାଙ୍କର ରଙ୍ଗ ଅଧର, ଚକାନୟନ, ନିଟିଳ ଅଳକା ଦେଖି ଦେଲେ, କାହା ଆଖି ଲାଖି ଯିବି ନାହିଁ? ସେ ଦାରୁବ୍ରହ୍ମ । ବ୍ରହ୍ମର କର, କର୍ଣ୍ଣ, ନାସା, ଚରଣ – କିଛି ନାହିଁ, ଠିକ୍ ଶ୍ରୀଜଗନ୍ନାଥଙ୍କର ଏସବୁ ମଧ୍ୟ କିଛି ନାହିଁ ।

ମୂର୍ତ୍ତି ଶାସ୍ତ୍ରକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ବିଭିନ୍ନ ପଦାର୍ଥରେ ନିର୍ମିତ ବିଗ୍ରହଙ୍କର ପରମାୟୁ ବିଭିନ୍ନ ମଣି, ଧାତୁ, ଦାରୁ,ଚିତ୍ରପଟ ଓ ମୃଣ୍ମୟାଦି ବିଗ୍ରହଙ୍କର ପରମାୟୁ ଯଥାକ୍ରମେ ଦଶ ହଜାର ବର୍ଷ, ଏକ ହଜାର ବର୍ଷ, ବାର ବର୍ଷ, ଏକ ବର୍ଷ ଓ ଏକ ମାସ ଅଟେ । ତେଣୁ ଜଗନ୍ନାଥଙ୍କ ବିଗ୍ରହ ଦାରରୁ ନିର୍ମିତ ହୋଇଥିବାରୁ ଏହାଙ୍କର ପରମାୟୁ ଶାସ୍ତ୍ରୀୟ ପରମ୍ପରାନୁଯାୟୀ ବାର ବର୍ଷ । ବାର ବର୍ଷରେ ମହାପ୍ରଭୁଙ୍କର ଯେଉଁ ବିଗ୍ରହର ପରିବର୍ତ୍ତନ ହୁଏ , ତାହାକୁ କୁହାଯାଏ ନବକଳେବର ।

ବର୍ତ୍ତମାନ ବିଚାର କରାଯାଇପାରେ ଯେଉଁ ମହାରାଜ ଇନ୍ଦ୍ରଦ୍ୟୁମ୍ନ ଏଡ଼େ ବିଶାଳ ଭବ୍ୟ ମନ୍ଦିର ନିର୍ମାଣ କରି ପାରିଲେ, ଏତେ ସେବକ ନିଯୁକ୍ତ କରିପାରିଲେ,ସେ ଏ ବିଗ୍ରହକୁ ଦାରୁ ନିର୍ମିତ କଲେ କାହିଁକି? ଏ ପ୍ରଶ୍ନର ଉତ୍ତରରେ କୁହାଯାଇପାରେ ଯେ, ବିଭିନ୍ନ ଧାତୁ, ପାଷାଣ ଓ ମଣି ବିଗ୍ରହରେ ପୂଜା ଅପେକ୍ଷା ଦାରୁ ବିଗ୍ରହ ପୂଜା ବିଶେଷ ଫଳପ୍ରାପ୍ତି କରାଏ । 'ଆଗମ' ଗ୍ରନ୍ଥ ତଥା ବିଭିନ୍ନ ଶାସ୍ତ୍ରରେ ଦାରୁ ବିଗ୍ରହଙ୍କର ଶ୍ରେଷ୍ଠତ୍ୱ ପ୍ରଦାନ କରାଯାଇଛି ।

ପୁନଶ୍ଚ ପ୍ରଶ୍ନ ଉଠେ ବିଭିନ୍ନ ପ୍ରକାର ଦାରୁର ପ୍ରଚଳନ ଥିଲେ ମଧ୍ୟ ଏ ବିଗ୍ରହ ନିମ୍ବ ଦାରୁରେ ନିର୍ମିତ ହେଲା କାହିଁକି? ପ୍ରତିମା ଲକ୍ଷଣ ସୌଧାଗମ ଗ୍ରନ୍ଥରେ କୁହାଯାଇଛି ସମସ୍ତ ଦାରୁମାନଙ୍କ ମଧ୍ୟରେ ନିମ୍ବ ଦାରୁ ଶ୍ରେଷ୍ଠ । "ନିମ୍ବ ପ୍ରଧାନ ମେ ତେଷାଂ ପ୍ରତିମାନାଂ ବିର୍ନିମିତୌ ।।"

ବୈଜ୍ଞାନିକ ଦୃଷ୍ଟିକୋଣରୁ କୁହାଯାଇଛି, ନିମ୍ବ ବୃକ୍ଷ ପୁରାତନ ହେଲେ ଓ ମଳୟ ସ୍ପର୍ଶରେ ଚନ୍ଦନ ବୃକ୍ଷରେ ପରିଣତ ହୁଏ । ଅପରପକ୍ଷରେ ଏହାର ସ୍ୱାଦ ତିକ୍ତ ହେତୁ କୌଣସି କୀଟ ଦ୍ୱାରା ନଷ୍ଟ ହୁଏ ନାହିଁ । ଦ୍ରବ୍ୟ ଗୁଣାନୁଯାୟୀ ଏହା ବିଭିନ୍ନ ରୋଗ ନିବାରକ ରୂପେ କାର୍ଯ୍ୟ କରେ । ଆଗମ ଶାସ୍ତ୍ରାନୁଯାୟୀ ନିମ୍ବଦାରୁ ପୁରୁଷ ବୃକ୍ଷ ହୋଇଥିବାରୁ, ଏହା ଶକ୍ତ ଓ ଶ୍ରେଷ୍ଠ ବୃକ୍ଷ ହେତୁ ବିଷ୍ଣୁ ବିଗ୍ରହ ନିର୍ମାଣ ପାଇଁ ଉପଯୁକ୍ତ । 'ବାମଦେବ ସଂହିତା'ରେ ଏହାକୁ ପ୍ରକୃଷ୍ଟ ଦାରୁ କହୁଥିବା ବେଳେ 'ଭବିଷ୍ୟ ପୁରାଣ' ଏହାକୁ 'ସର୍ବ ବର୍ଣ୍ଣ ପୂଜ୍ୟ ବୃକ୍ଷ ରୂପେ ଗ୍ରହଣ କରାଯାଇ କୁହାଯାଇଛି – "ନିମ୍ବାଦ୍ୟା ସର୍ବ ବର୍ଣ୍ଣନାଂ- ବୃକ୍ଷ ସାଧାରଣା ସ୍ମୃତା ।" ଶ୍ରୀଜଗନ୍ନାଥ ଜଗତରନାଥ ତଥା ପତିତପାବନ ହୋଇଥିବାରୁ ଏବଂ ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କ ଦ୍ୱାରା ପୂଜିତ ହେଉଥିବାରୁ ଏହାଙ୍କ ବିଗ୍ରହ ନିମ୍ବଦାରୁରେ ନିର୍ମିତ ହେବା ବିଧେୟ । ଏଥିରେ ମଧ୍ୟ ବୈଜ୍ଞାନିକ କାରଣ ନିହିତ ।



## ଚନ୍ଦନ ଯାତ୍ରା

ଅକ୍ଷୟ ତୃତୀୟା ଦିନଠାରୁ ଦୀର୍ଘ ୪୨ ଦିନ ଧରି ମହାପ୍ରଭୁଙ୍କର ଚନ୍ଦନ ଯାତ୍ରା ହୁଏ । ଭିତର ଚନ୍ଦନ ୨୧ ଦିନ ଓ ବାହାର ଚନ୍ଦନ ୨୧ ଦିନ । ଦ୍ୱାଦଶ ଯାତ୍ରା ମଧ୍ୟରେ ଏହା ପ୍ରଭୁଙ୍କର ସବୁଠାରୁ ଦୀର୍ଘ ଯାତ୍ରା । ଏହି ଯାତ୍ରାର ଉଦ୍ଦେଶ୍ୟ ହେଲା ପ୍ରଚଣ୍ଡ ନିଦାଘରେ ମହାପ୍ରଭୁଙ୍କୁ ଚନ୍ଦନ ଉପଚାର ସହିତ ନୌକା ବିହାରରେ ଆମୋଦ ପ୍ରଦାନ କରିବା । ଗ୍ରୀଷ୍ମ ସମୟରେ ଚନ୍ଦନ ଲେପନ କଲେ ଶରୀର ଶୀତଳତା ପ୍ରାପ୍ତ ହୁଏ । ଦ୍ୱାଦଶ ଶତାବ୍ଦୀରେ ମହାକବି ଜୟଦେବ ପତ୍ନୀ ପଦ୍ମାବତୀଙ୍କ ସହ ଶ୍ରୀଜଗନ୍ନାଥଙ୍କ ଚନ୍ଦନଲାଗି ବେଶ ଦର୍ଶନ କରି ପ୍ରସିଦ୍ଧ 'ଗୀତଗୋବିନ୍ଦ'ର ପଦଟିଏ ଗାନ କରିଥିଲେ :-

"ଚନ୍ଦନ ଚର୍ଚ୍ଚିତ ନୀଳ କଳେବର ପୀତବସନ ବନମାଳୀ ।
କେଳି ଚଳନ୍ମଣି କୁଣ୍ଡଳମଣ୍ଡିତ ଗଣ୍ଡଯୁଗ ସ୍ମିତଶାଳୀ ।"

ଚନ୍ଦନ ଶରୀର ପାଇଁ ଅତ୍ୟନ୍ତ ଉପାଦେୟ । ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହୋଇ ସ୍ନାନ ପୂର୍ଣ୍ଣିମା ପୂର୍ବଦିନ ଏହା ଶେଷ ହୁଏ । ଆୟୁର୍ବେଦ ଦୃଷ୍ଟିରୁ ପ୍ରଚଣ୍ଡ ରୌଦ୍ର ତାପରେ ଶରୀରରେ ସୁରକ୍ଷା ହେତୁ ଚନ୍ଦନଲାଗି ଏକାନ୍ତ ଆବଶ୍ୟକ । ପରେ ପରେ ବର୍ଷା ଋତୁର ଆଗମନ ହେଲେ ଆଉ ଶରୀର କିଛି ଅସୁବିଧା ହେବ ନାହିଁ । ଶାରୀରିକ ସନ୍ତୁଳନ ରକ୍ଷା କରିବା ଏହାର ଉଦ୍ଦେଶ୍ୟ । ଜଗନ୍ନାଥ ସଂସ୍କୃତିର ସମସ୍ତ ନୀତିକାନ୍ତି ବୈଜ୍ଞାନିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ଜଗନ୍ନାଥ ସଂସ୍କୃତି ଯେ ବିଜ୍ଞାନସିଦ୍ଧ କହିବା ବାହୁଲ୍ୟ ମାତ୍ର । ଜଗନ୍ନାଥ ବିଜ୍ଞାନର ବିଜ୍ଞାନ । ଆଧୁନିକ ବିଜ୍ଞାନ ତାଙ୍କୁ ଅନୁସନ୍ଧାନ କରୁଛି । ଶ୍ରୀମନ୍ଦିର ଏକ ଆଶ୍ଚର୍ଯ୍ୟମୟ ସ୍ଥାନ । ତେଣୁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ 'ସୁଭଦ୍ରା ପରିଣୟ'ରେ କହିଛନ୍ତି:-

'ସିନ୍ଧୁତଟେ ଶ୍ରୀପୁରୁଷୋତ୍ତମ ତୀର୍ଥ ରାଜ ।
ସାଧୁଜନେ ଅଛି ତହିଁ ବହୁତ ଆଶ୍ଚର୍ଯ୍ୟ ଯେ ।"

ଜୟ ଜଗନ୍ନାଥ ।

ବର୍ଷଣା ବିହାର, ମନ୍ଦିର ମାର୍ଗ, ସାକ୍ଷୀଗୋପାଳ, ପୁରୀ
ମୋ: ୯୯୩୭୮୩୫୨୩୦




# ବିଜ୍ଞାନର ଦୃଷ୍ଟିରେ ଶ୍ରୀଜଗନ୍ନାଥ ଦର୍ଶନ



ସତ୍ୟବ୍ରତ ପାଣିଗ୍ରାହୀ

ବିଶ୍ୱବ୍ରହ୍ମାଣ୍ଡଠାରୁ ଆରମ୍ଭ କରି ଗ୍ରହ ନକ୍ଷତ୍ର, ସ୍ଥାବର ଜଙ୍ଗମ ପ୍ରାଣୀ ସମସ୍ତଙ୍କ ମଧ୍ୟରେ ଏକ ତାଳ ଲୟ ଥିବାର ଦେଖାଯାଏ । ସମସ୍ତ କ୍ରିୟାର ଏକ ପ୍ରୟୋଜନ ମଧ୍ୟ ରହିଛି । ଯାହାକୁ ବିଜ୍ଞାନ ଭାଷାରେ କୁହାଯାଏ 'ଫାଇନ୍ ଟ୍ୟୁନିଙ୍ଗ' । ଏହି ଶୃଙ୍ଖଳିତ ନିୟମ ବିନା ସୃଷ୍ଟି ପ୍ରକ୍ରିୟା ଓ ପରିଚାଳନା ତିଷ୍ଠିପାରିବ ନାହିଁ । ଏହି ସୁନ୍ଦର ବିଶ୍ୱ କେବଳ ଅଚେତନ ଜଡ଼ ପଦାର୍ଥରୁ ସୃଷ୍ଟି ହୋଇନପାରେ । ପ୍ରକୃତିରେ ପରିଲକ୍ଷିତ ଏହି ସୌନ୍ଦର୍ଯ୍ୟ, ମାଧୁର୍ଯ୍ୟ ଏବଂ ତାଳବଦ୍ଧ ଶୃଙ୍ଖଳିତ ନିୟମ କେବଳ ଜଡ଼ଠାରୁ ଉତ୍ପନ୍ନ ହୋଇପାରିବ ନାହିଁ । କୌଣସି ଐଶ୍ୱରୀୟ ଚେତନ ଶକ୍ତିର ବିନା ସହାୟତାରେ ଏହି ସୁନ୍ଦର ବ୍ରହ୍ମାଣ୍ଡର ସୃଷ୍ଟି କଥା କଳ୍ପନା କରିବା ନିରର୍ଥକ । ବିଜ୍ଞାନ ଖୋଜେ ଜଡ଼ବସ୍ତୁର ମୂଳ ଏକକ ଉତ୍ସ-ପ୍ରକୃତି । ଆଧ୍ୟାତ୍ମିକ ବିଜ୍ଞାନ ଖୋଜେ ଚେତନାର ଉତ୍ସ ପୁରୁଷ । ସେହି ଚେତନ ପୁରୁଷ ହିଁ ଜଗତର ନାଥ ଜଗନ୍ନାଥ । ବିଜ୍ଞାନ 'କ୍ଷେତ୍ର' ସମ୍ବନ୍ଧରେ ଅନୁସନ୍ଧାନ କରେ । କିନ୍ତୁ ଅଧ୍ୟାତ୍ମିକ ବିଜ୍ଞାନ 'କ୍ଷେତ୍ରଜ୍ଞ'କୁ ପ୍ରାଧାନ୍ୟ ଦିଏ । ଉଭୟ ପରିପୂରକ । ଯିଏ ଗତି କରେ ସେ ଜଗତ, ଏବଂ ସେହି ଅଖିଳ ବ୍ରହ୍ମାଣ୍ଡର ନାୟକ ଜଗନ୍ନାଥଙ୍କ ବିନା ଗତି ନାହିଁ କି ମୁକ୍ତି ନାହିଁ । ସବୁ ଜ୍ଞାନବିଜ୍ଞାନର ଊର୍ଦ୍ଧ୍ୱରେ ଜଗନ୍ନାଥ ଦର୍ଶନ ।



## ଅର୍ଦ୍ଧନାରୀଶ୍ୱର ରୂପ

ମହାପ୍ରଭୁ ଜଗନ୍ନାଥ ପୁରୁଷ - ନାରୀ ଲିଙ୍ଗଭେଦରୁ ଊର୍ଦ୍ଧ୍ୱରେ ଏକ ପରମ ସତ୍ତା । ପ୍ରକୃତି ଓ ପୁରୁଷର ସମନ୍ୱୟ। ଶ୍ରୀଜଗନ୍ନାଥଙ୍କୁ ଦକ୍ଷିଣ କାଳିକା ରୂପରେ ମଧ୍ୟ ବର୍ଣ୍ଣନା କରାଯାଇଛି । ସାକ୍ଷାତ ଅର୍ଦ୍ଧ ନାରୀଶ୍ୱର ରୂପ ।

"ଦ୍ୱିଧା କୃତ୍ୱାତ୍ମନୋ ଦେହମର୍ଦ୍ଧେନ ପୁରୁଷଭବତ,
ଅର୍ଦ୍ଧେନ ବାରୀ ତସ୍ୟାଂ ଚ ବିରାଜମସୃଜତ ପ୍ରଭୁ ।"

ଅର୍ଥାତ୍ ପରଂବ୍ରହ୍ମ ନିଜକୁ ଦୁଇ ଭାଗରେ ବିଭକ୍ତ କରି ଗୋଟିଏ ଅର୍ଦ୍ଧରେ ପୁରୁଷ ଓ ଆଉ ଅଧା ନାରୀ ସୃଷ୍ଟି କଲେ। ପୁରୁଷ ଓ ପ୍ରକୃତିର ଏହି ମିଳନରେ ସଚରାଚର ଜଗତର ଉତ୍ପତ୍ତି। ଏହା ହିଁ ମହାପ୍ରଭୁଙ୍କ ଅର୍ଦ୍ଧନାରୀଶ୍ୱର ରୂପ। ଆମେ ଜାଣୁ, ନାରୀ ଶରୀର କୋଷରେ କେବଳ ଏକ୍ସ କ୍ରୋମୋଜମ ଅଛି, କିନ୍ତୁ ପୁରୁଷ ଗୁଣସୂତ୍ରରେ ଉଭୟ ଏକ୍ସ ଓ ୱାଇ କ୍ରୋମୋଜମ ବିଦ୍ୟମାନ । ଏକ୍ସ କ୍ରୋମୋଜମ ନାରୀ ଚରିତ୍ର ପାଇଁ ଏବଂ ୱାଇ କ୍ରୋମୋଜମ ପୁରୁଷ ଚରିତ୍ର ପାଇଁ ଦାୟୀ । ପୁରୁଷ ଶରୀରରେ ଉଭୟ କ୍ରୋମୋଜମର ଉପସ୍ଥିତି ହିଁ ଅର୍ଦ୍ଧ ନାରୀଶ୍ୱର ଅବସ୍ଥା ।

## ନାଦବ୍ରହ୍ମ ଜଗନ୍ନାଥ

ମଧ୍ୟଯୁଗୀୟ କବି ତଥା ଦାର୍ଶନିକ ଶ୍ରୀଧର ସ୍ୱାମୀଙ୍କ ମତରେ ଶ୍ରୀଜଗନ୍ନାଥ ହେଉଛନ୍ତି ପ୍ରଣବ ବା ଓମ୍‌କାର ନାଦ। ଅ,ଉ,ମ ଏହି ତିନୋଟି ଅକ୍ଷର ମିଳିତ ହୋଇ ଓଁକାର ହୋଇଅଛି। ଏହି ତିନୋଟି ଅକ୍ଷର ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରା; ବ୍ରହ୍ମାଣ୍ଡର ତିନୋଟି ଗୁଣ ସତ୍ତ୍ୱ ,ରଜ, ତମ; ପରମାତ୍ମାଙ୍କ ତିନୋଟି ଭେଦ- ବିରାଟ(ସ୍ଥୂଳ), ହୀରଣ୍ୟଗର୍ଭ(ସୂକ୍ଷ୍ମ), ଈଶ୍ୱର(କାରଣ); ସୃଷ୍ଟିର ତିନି କ୍ରିୟା- ଉତ୍ପତ୍ତି , ସ୍ଥିତି ଓ ପ୍ରଳୟ; ଚେତନାର ତିନି ଅବସ୍ଥା: ବୈଶ୍ୱ (ଜାଗ୍ରତ), ତୈଜସ (ସ୍ୱପ୍ନ), ପ୍ରଜ୍ଞା (ସୁଷୁପ୍ତି) ରୂପରେ ବିଦ୍ୟମାନ। ସୃଷ୍ଟିର ଆଦ୍ୟଧ୍ୱନି ହେଉଛି ଓଁକାର। ଏହାକୁ ନାଦବ୍ରହ୍ମ ମଧ୍ୟ କୁହାଯାଏ। ଏହି ନାଦ ଦ୍ୱାରା ସୃଷ୍ଟି ହୋଇଥିବା କମ୍ପନ ବା ବିସ୍ଫୋରଣରୁ ହିଁ ଜଗତ ବ୍ୟକ୍ତ ହୋଇଛି। ତେଣୁ କୁହାଯାଏ, ନାଦ ଅଧିନଂ ଜଗତ ସର୍ବଂ । ଏହା ଆଧୁନିକ ବିଜ୍ଞାନ ସମ୍ମତ ତଥ୍ୟ । ଓଁକାର ଧ୍ୱନିକୁ ଅନାହତ ଧ୍ୱନି କୁହାଯାଏ। ଯାହାକି ବିନା କୌଣସି ଆଘାତରେ ସୃଷ୍ଟି ହୁଏ ଏବଂ ଏହାର ଆଦି ଅନ୍ତ ନାହିଁ। ଆମ ନିଃଶ୍ୱାସ-ପ୍ରଶ୍ୱାସ ନେବା ସମୟରେ ଯେଉଁ ଅସ୍ପଷ୍ଟ ‹ହଂ-ସ› ଧ୍ୱନି ଉତ୍ପତ୍ତି ହୁଏ,ତାହା ହିଁ ଅନାହତ ନାଦ ବା ଅଜପା-ଜପ। ଶକ୍ତିରୁ ଜାତ ସ୍ପନ୍ଦନ, ସ୍ପନ୍ଦନରୁ ନାଦ, ନାଦରୁ ସଙ୍ଗୀତ ଏବଂ ସଂଗୀତରୁ ବ୍ୟକ୍ତ ହୁଏ ଅଖିଳ ବିଶ୍ୱପ୍ରପଞ୍ଚ । ଯାହାକିଛି ବସ୍ତୁ ଆମେ ଦେଖୁଛୁ, ତାହା କେବଳ ନାଦର ଜ୍ୟାମିତିକ ଚିତ୍ର। ନାଦ ଅଭାବରେ ଜୀବନ ଜଗତ ନିଶ୍ଚଳ ହୋଇଯିବ, ସ୍ଥାଣୁ ପାଲଟି ଯିବ । କାରଣ ସୃଷ୍ଟିରେ ସର୍ବତ୍ର ଶକ୍ତିର ସ୍ପନ୍ଦନ ଜାରି ରହିଛି । ପଦାର୍ଥ ବିଜ୍ଞାନ ମତ ଅନୁସାରେ ଛୋଟ କଣିକାଠାରୁ ଆରମ୍ଭ କରି ମହାକାଶରେ ଗ୍ରହ ନକ୍ଷତ୍ର ପର୍ଯ୍ୟନ୍ତ ସମସ୍ତେ ନୃତ୍ୟରତ, କେହି ସ୍ଥିର ନୁହଁନ୍ତି। ସବୁଥିରେ ସ୍ପନ୍ଦନ ରହିଛି, ନାଦ ରହିଛି। ସୃଷ୍ଟିର ସମଗ୍ର ତତ୍ତ୍ୱ ଏହି ଓଁକାର ନାଦରେ ସମାହିତ। ଐତେରେୟ ବ୍ରାହ୍ମଣ ରେ ଉଲ୍ଲେଖ ଅଛି "ନ ବୈ ବାକ କ୍ଷୀୟତେ", ଅର୍ଥାତ୍ ବାଣୀର କ୍ଷୟ ହୁଏ ନାହିଁ। ସେଥିପାଇଁ ନାଦକୁ ଅକ୍ଷର କୁହାଯାଏ, ଯାହା ନଷ୍ଟ ହୁଏ ନାହିଁ ତାହା ଅକ୍ଷର। ସେଥିପାଇଁ ମହାପ୍ରଭୁ ଜଗନ୍ନାଥ ଅକ୍ଷର ବ୍ରହ୍ମ।



## ଶ୍ରୀଜଗନ୍ନାଥ ଓ ତନ୍ତ୍ର

ତନ୍ତ୍ର ଶିରୋମଣି ଶ୍ରୀଜଗନ୍ନାଥ ଏବଂ ପ୍ରାଚୀନ କାଳରୁ ହିଁ ଶ୍ରୀକ୍ଷେତ୍ରର ଅନ୍ୟ ନାମ ଉଡୀୟାନ ତନ୍ତ୍ର ପୀଠ। ତନ୍ତ୍ର ଉପାସକ ଏବଂ ବଜ୍ରଯାନ ଶାଖାର ବୌଦ୍ଧମାନେ ଶ୍ରୀଜଗନ୍ନାଥଙ୍କୁ ତନ୍ତ୍ରର ଆରାଧ୍ୟ ଦେବତା ରୂପରେ ଗ୍ରହଣ କରନ୍ତି। ଶ୍ରୀଜଗନ୍ନାଥ ହେଉଛନ୍ତି ଭୈରବ ଓ ମା' ବିମଳା ଭୈରବୀ ରୂପରେ ପୂଜା ପାଆନ୍ତି। ଶ୍ରୀଜଗନ୍ନାଥଙ୍କ ରତ୍ନସିଂହାସନ ଶ୍ରୀଯନ୍ତ୍ର ବା ମଣ୍ଡଳ ଉପରେ ପ୍ରତିଷ୍ଠା କରାଯାଇଛି। ଏହି ମଣ୍ଡଳ ବା ଯନ୍ତ୍ର ପଛରେ ଏକ ବିରାଟ ବିଜ୍ଞାନ ଓ ଦର୍ଶନ ରହିଛି। ଶ୍ରୀଯନ୍ତ୍ରର ବିନ୍ଦୁ, ବଳୟ, ଭୂପୁର ମାଧ୍ୟମରେ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡର ଜ୍ୟାମିତିକ ରୂପକୁ ଉପସ୍ଥାପନ କରାଯାଇଛି। ଦାର୍ଶନିକ ଦୃଷ୍ଟିରୁ ବିଚାର କଲେ, ବୈଦିକ ଦର୍ଶନରେ (ଋଗ୍ ବେଦ-୧୦.୭୧) ତନ୍ତ୍ରର ଯୌଗିକ ଅର୍ଥ ହେଉଛି 'ଜାଲ ଭଳି ବୁଣିବା', ଠିକ୍ ଯେମିତି ବୁଢ଼ିଆଣୀ ଜାଲ ବୁଣେ । ଗୋଟିଏ ଜାଲରେ ସବୁକିଛି ଛନ୍ଦାଛନ୍ଦି ହୋଇ ରହିଥାଏ, ଅର୍ଥାତ୍ ସବୁକିଛି ପରସ୍ପର ସହ ସମ୍ବନ୍ଧିତ। 'ତନ୍ତ୍ର' ହେଉଛି ଏକ ବ୍ୟବସ୍ଥା ବା ସିଷ୍ଟମ, ଯେଉଁଥିରେ ପ୍ରତ୍ୟେକ ସତ୍ତା ବା ପଦାର୍ଥ ପରସ୍ପର ସହ ସମ୍ବନ୍ଧିତ। ସେମାନଙ୍କ ମଧ୍ୟରେ ପାରସ୍ପରିକ ସମ୍ପର୍କ ଥାଏ। ସାରା ବ୍ରହ୍ମାଣ୍ଡ ଗୋଟିଏ ତନ୍ତ୍ର। ବୁଢ଼ିଆଣୀ ଯେମିତି ନିଜ ଶରୀରରୁ ନିର୍ଗତ ପଦାର୍ଥରେ ଜାଲ ବୁଣେ, ସେମିତି ଆଦିପୁରୁଷ ମଧ୍ୟ ଅବ୍ୟକ୍ତ ପ୍ରକୃତିରୁ ଏହି ସୁନ୍ଦର ସୃଷ୍ଟିତନ୍ତ୍ରକୁ ନିର୍ମାଣ କରନ୍ତି ଏବଂ ପ୍ରଳୟ କାଳରେ ସେସବୁ ପୁନର୍ବାର ଅବ୍ୟକ୍ତ ଅବସ୍ଥାରେ ଲୀନ ହୁଅନ୍ତି। ତନ୍ତ୍ରରେ ବିଭିନ୍ନ ବସ୍ତୁର ସମ୍ମିଶ୍ରଣ ଓ ସେମାନଙ୍କ ମଧ୍ୟରେ ଥିବା ସମ୍ପର୍କରୁ ଉତ୍ପନ୍ନ ହୁଏ ଏକ ନୂତନ ପୂର୍ଣ୍ଣ ସତ୍ତା। ତେଣୁ ଏକ ସାମଗ୍ରିକ ବ୍ୟବସ୍ଥା, ଏହାର ବିଭିନ୍ନ ଅଂଶମାନଙ୍କର ସମ୍ମିଶ୍ରଣରୁ ଅଧିକ। ଏହାକୁ ବିଜ୍ଞାନ ଭାଷାରେ 'ସିଷ୍ଟମ୍ ଥିଓରୀ' କୁହାଯାଏ। ବିଦେଶୀ ଜୀବବିଜ୍ଞାନୀ ଭନ ବର୍ଟଲନଫି ଏବଂ ପଦାର୍ଥବିଜ୍ଞାନୀ ଫ୍ରିଟଜଫ୍ କାପ୍ରା ଏହି ସିଷ୍ଟମ୍ ଥିଓରୀର ମୁଖ୍ୟ ପ୍ରବକ୍ତା। ଉଦାହରଣ ସ୍ୱରୂପ ଶ୍ୱାସତନ୍ତ୍ର, ପାଚନତନ୍ତ୍ର, ଗଣତନ୍ତ୍ର, ପରିବେଶ ତନ୍ତ୍ର ଇତ୍ୟାଦି, ଏସବୁ ଗୋଟିଏ ଗୋଟିଏ ବ୍ୟବସ୍ଥା ବା ସିଷ୍ଟମ୍। ଆମ ଶରୀର ମଧ୍ୟ ଏକ ତନ୍ତ୍ର, ଯାହା ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗର ସମାହାର ଓ ସେମାନଙ୍କ ମଧ୍ୟରେ ଥିବା ପାରସ୍ପରିକ ଶୃଙ୍ଖଳିତ ସମ୍ବନ୍ଧକୁ ନେଇ ଗଠିତ। ଯେତେବେଳେ ଅଙ୍ଗଗୁଡ଼ିକ ମଧ୍ୟରେ ଥିବା ସମ୍ବନ୍ଧ ନଷ୍ଟ ହୋଇଯାଏ , ସେତେବେଳେ ଜୀବର ମୃତ୍ୟୁ ଘଟେ। ତେଣୁ ଆମ ଶରୀର ତନ୍ତ୍ର କେବଳ ଅଙ୍ଗମାନଙ୍କ ସମାହାରରେ ଗଠିତ ହୋଇ ନାହିଁ। ଜୀବନ ଶକ୍ତି ପାଇଁ ଅଙ୍ଗମାନଙ୍କ ମଧ୍ୟରେ ତାଦାତ୍ମ୍ୟର ଆବଶ୍ୟକତା ରହିଛି। ନଚେତ କେବଳ ଅଙ୍ଗମାନଙ୍କୁ ଯଥାସ୍ଥାନରେ ଖଞ୍ଜି ଦେଇ ଏକ ଜୀବ ସୃଷ୍ଟି କରାଯାଇପାରିଥାନ୍ତା। କିନ୍ତୁ ତାହା ସମ୍ଭବ ନୁହେଁ। ବୌଦ୍ଧ ଦର୍ଶନରେ ଏହାକୁ ସଂଘାତବାଦ କୁହାଯାଏ। ଶରୀର ମଧ୍ୟରେ ଥିବା ସାତଟି ପ୍ରମୁଖ କ୍ଷୁଦ୍ର ତନ୍ତ୍ରଗୁଡ଼ିକ ଯଥା- ମେରୁଦଣ୍ଡର ଆଧାର, ଜନନ ତଥା ରେଚନ ତନ୍ତ୍ର, ପାଚନ ତନ୍ତ୍ର, ହୃଦୟ ଓ ଶ୍ୱାସ ତନ୍ତ୍ର, ସ୍ୱରତନ୍ତ୍ର, ସ୍ନାୟୁତନ୍ତ୍ର, ମସ୍ତିଷ୍କ। ଏହି ସାତଟି ତନ୍ତ୍ରରେ ସାତଟି ମୁଖ୍ୟ ହରମୋନ ଗ୍ରନ୍ଥି ରହିଛି ଯାହାକୁ ଭାରତୀୟ ଦର୍ଶନରେ ସପ୍ତଚକ୍ର କୁହାଯାଏ ଯଥା- ମୂଳାଧାର (ଗୋନାଡ଼ ଗ୍ରନ୍ଥି), ସ୍ୱାଧିଷ୍ଠାନ (ଗୋନାଡ଼ ଗ୍ରନ୍ଥି), ମଣିପୁର (ପାନକ୍ରିୟାଜ ବା ପାଚନ ଗ୍ରନ୍ଥି,ଆଡ୍ରେନାଲ ଗ୍ରନ୍ଥି), ଅନାହତ (ଥାଲମସ୍ ଗ୍ରନ୍ଥି), ବିଶୁଦ୍ଧ (ଥାଇରଏଡ୍ ଗ୍ରନ୍ଥି), ଆଜ୍ଞା (ପିଟୁଇଟାରୀ ଗ୍ରନ୍ଥି) ଓ ସହସ୍ରାର (ପିନିଆଲ ଗ୍ରନ୍ଥି)। ସୁସ୍ଥ ଶରୀର ସୁସ୍ଥ ମନ ନିମନ୍ତେ ଏହି ସାତଟି ଶକ୍ତିଚକ୍ର ମଧ୍ୟରେ ସୁସଙ୍ଗତ ଶୃଙ୍ଖଳିତ ସମ୍ବନ୍ଧ ଜରୁରୀ, ଯାହାକୁ କୁଣ୍ଡଳିନୀ ଯୋଗ କୁହାଯାଏ । କାରଣ ଯୋଗର ଏକ ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଶରୀର ତନ୍ତ୍ରକୁ ସୁରକ୍ଷିତ ରଖିବା ଏବଂ ମାନସିକ ସନ୍ତୁଳନ ରକ୍ଷା କରିବା।



## ନବଗୁଞ୍ଜର ଓ ପରିବେଶବାଦ

ଓଡ଼ିଶାର ଲୋକକଳାର ଏକ ବଳିଷ୍ଠ ନିଦର୍ଶନ ହେଉଛି ନବଗୁଞ୍ଜର। ପୁରୀ ଶ୍ରୀମନ୍ଦିରର ଉତ୍ତର ପାର୍ଶ୍ୱରେ ନବଗୁଞ୍ଜର ଓ ଅର୍ଜୁନଙ୍କ ଦୃଶ୍ୟ ଖୋଦିତ ହୋଇଛି। 'ନବଗୁଞ୍ଜର' ଅର୍ଥାତ୍ ନଅଗୋଟି ପ୍ରାଣୀଙ୍କ ଶରୀରର ବିଭିନ୍ନ ଅଙ୍ଗର ସମାହାରରେ ଗଠିତ ଏକ ପ୍ରାଣୀ। ଆଦିକବି ସାରଳା ଦାସଙ୍କ ରଚିତ ଓଡ଼ିଆ ମହାଭାରତରେ ଏଭଳି ବିଚିତ୍ର ପ୍ରାଣୀ କଥା ଉଲ୍ଲେଖ ଅଛି। ସାରଳା ମହାଭାରତ ଛଡ଼ା ଅନ୍ୟ କୌଣସି ଭାଷାର ମହାଭାରତରେ ଏହାର ବର୍ଣ୍ଣନା ନାହିଁ। ଉତ୍କଳୀୟ କଳା ସଂସ୍କୃତିର ଏକ ସ୍ୱତନ୍ତ୍ର ଓ ଅକଳ୍ପନୀୟ ସୃଷ୍ଟି ହେଉଛି ନବଗୁଞ୍ଜର। କୁକୁଟର ମସ୍ତକ, ମୟୂରର କଣ୍ଠ, ବୃଷଭର ପିଠି, ସିଂହର କଟୀ, ସର୍ପର ପୁଚ୍ଛ, ଗୋଟିଏ ପାଦ ହାତୀର, ଗୋଟିଏ ପାଦ ବାଘର, ଗୋଟିଏ ପାଦ ଅଶ୍ୱର ଓ ମଣିଷର ହାତକୁ ନେଇ ନବଗୁଞ୍ଜର ଶରୀର ଗଠିତ। ପ୍ରକୃତିରେ ବସବାସ କରୁଥିବା ବିଭିନ୍ନ ପ୍ରାଣୀଙ୍କ ସମନ୍ୱୟରେ ନବଗୁଞ୍ଜରର କଳ୍ପନା କରାଯାଇଛି। ଏହି ବିଚିତ୍ର କଳ୍ପନା ପଛରେ ରହିଛି ପରିବେଶବାଦ ବା ଇକୋ-ଫିଲୋସଫିର ସନ୍ଦେଶ। ପ୍ରକୃତିରେ ବିଭିନ୍ନ ପ୍ରାଣୀଙ୍କ ମଧ୍ୟରେ ଏକତା ଓ ସମନ୍ୱୟ ରକ୍ଷା କରିବା ପାଇଁ ଏହି ପଟଚିତ୍ର ବାର୍ତ୍ତା ଦିଏ। ଏ ବସୁଧା କେବଳ ମଣିଷ ରହିବା ପାଇଁ ନୁହେଁ, ବରଂ ସମସ୍ତ ସ୍ଥାବର ଜଙ୍ଗମ ପ୍ରାଣୀ ଉଦ୍ଭିଦଙ୍କ ପାଇଁ ପୃଥିବୀରେ ସ୍ଥାନ ରହିଛି। ସମସ୍ତେ ମିଳିମିଶି ପରସ୍ପରର ହିତସାଧନ କରିବା ଆବଶ୍ୟକ। ନବଗୁଞ୍ଜରରେ ଗୁଞ୍ଜରିତ ହୁଏ 'ସକଳ ଦେହେ ନାରାୟଣ' ମନ୍ତ୍ର। ବର୍ତ୍ତମାନ ସମୟରେ ପ୍ରକୃତିରେ ଏହି ସମନ୍ୱୟର ଅଭାବ ରହିଛି। ଯାହାଫଳରେ ଜଳବାୟୁ ପରିବର୍ତ୍ତନ ହେବା ସହ ପ୍ରାକୃତିକ ବିପର୍ଯ୍ୟୟ ଘଟୁଛି ଏବଂ ଜୈବିକ ପ୍ରଜାତିଗୁଡ଼ିକ ବିଲୁପ୍ତ ହେବାରେ ଲାଗିଛନ୍ତି। ବିଶ୍ୱର ସବୁଠୁ ବୁଦ୍ଧିମାନ ଜୀବକୁ ଏହି ପରିବେଶ ଦର୍ଶନର ଶିକ୍ଷା ଦେବା ହେଉଛି ନବଗୁଞ୍ଜର ପଟଚିତ୍ରର ଉଦ୍ଦେଶ୍ୟ।

## ରଥ ସ୍ଥାପତ୍ୟ

ପ୍ରତିବର୍ଷ ସାରା ବିଶ୍ୱର କୋଣଅନୁକୋଣରେ ମହା ଆଡ଼ମ୍ବରରେ ପାଳିତ ହୁଏ ମହାପ୍ରଭୁଙ୍କ ରଥଯାତ୍ରା। ବଡ଼ଦାଣ୍ଡରେ ତିନି ବିଶାଳ ରଥରେ ବିଜେ କରନ୍ତି ଚତୁର୍ଦ୍ଧା ବିଗ୍ରହ। ରଥର କାରୁକାର୍ଯ୍ୟ ଓ ନିର୍ମାଣ ଅତି ଆକର୍ଷଣୀୟ। ରଥ ନିର୍ମାଣ ଶୈଳୀ ମଧ୍ୟ ସ୍ୱତନ୍ତ୍ର। ତେବେ ରଥ ନିର୍ମାଣ କେବଳ ଏକ କଳା କାରୁକାର୍ଯ୍ୟରେ ସୀମିତ ନୁହେଁ, ବରଂ ଏହା ଆମ ସ୍ଥାପତ୍ୟ ବିଦ୍ୟାର ଏକ ଅଂଶ ଏବଂ ଏକ ପ୍ରକାର ଶିଳ୍ପ କଳା। ରଥ ନିର୍ମାଣ କୌଣସି ଇଞ୍ଜିନିୟରିଂ ବିଦ୍ୟା ତୁଳନାରେ କମ ନୁହେଁ। ପ୍ରାଚୀନ ଶିଳ୍ପ ସାର ସଂଗ୍ରହ, ମାନସାର ଶିଳ୍ପ ଏବଂ ରଥ ସଂହିତା ଗ୍ରନ୍ଥରେ ରଥ ନିର୍ମାଣର କୌଶଳ ବର୍ଣ୍ଣିତ ଅଛି। ରଥକୁ ପ୍ରଗତିର ପ୍ରତୀକ ଭାବେ ଗ୍ରହଣ କରାଯାଏ, ରଥର ଚକ ହେଉଛି ପ୍ରଗତିର ଚକ, ସୃଷ୍ଟି ଚକ୍ରର ପ୍ରତୀକ। ରଥଯାତ୍ରାକୁ ଦଶାବତାର ଯାତ୍ରା ମଧ୍ୟ କୁହାଯାଏ। ଏହି ସମୟରେ ଅବତାରୀ ପୁରୁଷ ଶ୍ରୀଜଗନ୍ନାଥ ବିଭିନ୍ନ ଅବତାରରେ ଦର୍ଶନ ଦିଅନ୍ତି। ଦଶାବତାର ତତ୍ତ୍ୱରେ ଜୀବର କ୍ରମ ବିବର୍ତ୍ତନ କଥା ଦର୍ଶାଯାଇଛି। ଏକକୋଷୀ ପ୍ରାଣୀରୁ ଜୀବନର ଉତ୍ପତ୍ତି ହୋଇ ମଣିଷ ସ୍ତର ପର୍ଯ୍ୟନ୍ତ ବିବର୍ତ୍ତନ ଲାଗି ରହିଛି। ଠିକ୍ ସେହିଭଳି ପୁରାଣ କହେ ଯେ ସର୍ବନିମ୍ନ ସ୍ତରରୁ ଆରମ୍ଭ କରି ବିଭିନ୍ନ ରୂପରେ ଚଉରାଅଶୀ ଲକ୍ଷ ଜୀବନ ପରେ ମଣିଷ ଜନ୍ମ ହୋଇଛି। ଶ୍ରୀଜଗନ୍ନାଥ ହେଉଛନ୍ତି ଅବତାରୀ ଓ ତାଙ୍କର ଦଶଟି ଅବତାର ଜୀବନର ସର୍ବନିମ୍ନ ସ୍ତରରୁ ଉଚ୍ଚତମ ସ୍ତର ପର୍ଯ୍ୟନ୍ତ ବିବର୍ତ୍ତନକୁ ସୂଚାଏ। ଯଥାକ୍ରମେ - ମତ୍ସ୍ୟ (ଜଳରେ ମେରୁଦଣ୍ଡୀ ପ୍ରାଣୀର ଉତ୍ପତ୍ତି), କଚ୍ଛପ (ଉଭୟଚର ପ୍ରାଣୀ ), ବରାହ (ସ୍ତନ୍ୟପାୟୀ ପ୍ରାଣୀ), ନରସିଂହ (ଅଧା ମଣିଷ ଅଧା ପଶୁ), ବାମନ (କ୍ଷୁଦ୍ରକାୟ ମଣିଷ), ପର୍ଶୁରାମ (ଯୋଦ୍ଧା ମଣିଷ), ରାମ (ମର୍ଯ୍ୟାଦାବାନ ପୁରୁଷ), କୃଷ୍ଣ ବଳରାମ (ରାଜନୀତି ଧୁରନ୍ଧର ମାନବ), ବୁଦ୍ଧ (ଜ୍ଞାନର ଉଚ୍ଚତର ଅବସ୍ଥା), କଳ୍କୀ (ବିବର୍ତ୍ତନ ପ୍ରକ୍ରିୟାର ପରବର୍ତ୍ତୀ ରୂପ)।



## ଶ୍ରୀଜଗନ୍ନାଥଙ୍କ ଋତୁଚର୍ଯ୍ୟା


ମହାପ୍ରଭୁଙ୍କ ନୀତିକାନ୍ତିରୁ ଋତୁଚର୍ଯ୍ୟାର ଶିକ୍ଷା ମିଳେ। ଋତୁ ପରିବର୍ତ୍ତନ ଅନୁସାରେ ପାଣିପାଗ ବଦଳେ। ସେହି ଅନୁଯାୟୀ କିଭଳି ଖାଦ୍ୟ ଖାଇବା, ପୋଷାକ ପିନ୍ଧିବା, ଏସବୁ କଥା ଜଗନ୍ନାଥ ସଂସ୍କୃତିରେ ରହିଛି। ଶୀତ ଆସିଲେ ମହାପ୍ରଭୁ ଶୀତ ବସ୍ତ୍ର ପରିଧାନ କରନ୍ତି, ଓଢ଼ଣ ଷଷ୍ଠୀରୁ ବସନ୍ତ ପଞ୍ଚମୀ ଯାଏଁ ଶୀତ ଲୁଗା ପିନ୍ଧନ୍ତି। ରାତି ବଡ଼ ଏବଂ ଦିନ ଛୋଟ ହୋଇଥିବାରୁ ମହାପ୍ରଭୁଙ୍କ ନିକଟରେ ପହିଲି ଭୋଗ ଲାଗି ହୁଏ ଏବଂ ସକାଳୁ ସକାଳୁ ଶୀଘ୍ର ଭୋଜନ କରନ୍ତି ମହାପ୍ରଭୁ। ଗ୍ରୀଷ୍ମ ଋତୁରେ ନିଦାଘର ରୌଦ୍ରତାପରୁ ରକ୍ଷା ପାଇବା ପାଇଁ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ଅନୁଷ୍ଠିତ ହୁଏ। ନରେନ୍ଦ୍ର ଜଳରେ ବୁଲି ଆସନ୍ତି ଚଳନ୍ତି ପ୍ରତିମା। ଶୀତଳତା ପାଇବା ପାଇଁ ଶ୍ରୀଜଗନ୍ନାଥଙ୍କୁ ଚନ୍ଦନ ଲାଗି କରାଯାଏ। ସେହିଭଳି ମୌସୁମୀର ସ୍ପର୍ଶରେ ପାଣିପାଗ ବଦଳି ଯାଏ। ଦେବସ୍ନାନ ପୂର୍ଣ୍ଣିମା ପରେ ମହାପ୍ରଭୁ ଜ୍ୱରରେ ପୀଡ଼ିତ ହୁଅନ୍ତି ଏବଂ ୧୫ ଦିନ ଧରି ଅଣସର ଘରେ ତିନି ଠାକୁରଙ୍କ ଉପଚାର ହୁଏ। ସେସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହେ। କିଛି ବର୍ଷ ପୂର୍ବେ କୋଭିଡ୍ ମହାମାରୀ ସମୟରେ ସଂକ୍ରାମକ ରୋଗକୁ ରୋକିବା ନିମନ୍ତେ ୧୪ ଦିନିଆ ସଂଗରୋଧରେ ରହିବା ପାଇଁ ଡାକ୍ତରମାନେ ପରାମର୍ଶ ଦେଉଥିଲେ। ଏଥିରୁ ସ୍ପଷ୍ଟ ଅନୁମେୟ ଯେ ବହୁ ପ୍ରାଚୀନ କାଳରୁ ଏଭଳି ବ୍ୟବସ୍ଥାର ପ୍ରଚଳନ ଶ୍ରୀମନ୍ଦିରରେ ରହିଛି। ଫାଲଗୁନ ଶୁକ୍ଳ ଚତୁର୍ଦ୍ଦଶୀରେ ପୁରୀରେ ମେଣ୍ଢାକୁଡ଼ିଆ ପୋଡ଼ି ନୀତି ବା ଅଗ୍ନି ଉତ୍ସବ ଅନୁଷ୍ଠିତ ହୁଏ। କିମ୍ବଦନ୍ତୀ ଅନୁଯାୟୀ ମେଷା ଏକ ଦୁଷ୍ଟ ରାକ୍ଷସୀ। ମର୍ତ୍ତ୍ୟକୁ ଆସି ବସନ୍ତ, ହାଡ଼ଫୁଟି ଇତ୍ୟାଦି ସଂକ୍ରାମକ ରୋଗ ସୃଷ୍ଟି କରେ। ତେଣୁ ଏହାକୁ ରୋକିବା ପାଇଁ ବିଭିନ୍ନ ଔଷଧୀୟ ପଦାର୍ଥରେ ଫଗୁ ତିଆରି ହୁଏ ଏବଂ ଚାଚେରୀ ବା ନଗର ଭ୍ରମଣ ସମୟରେ ପବନରେ ଫଗୁ ବିଞ୍ଚାଯାଏ। ଶ୍ରୀଜଗନ୍ନାଥଙ୍କ ଦୋଳଯାତ୍ରାରେ ଶ୍ରୀଦେବୀ ଓ ଭୂଦେବୀଙ୍କ ସହ ଶ୍ରୀ ଦୋଳଗୋବିନ୍ଦ ନଗର ଭ୍ରମଣ କରନ୍ତି। ଏଥିରେ ଫଗୁ ଖେଳାଯାଏ। ବିଭିନ୍ନ ଔଷଧୀୟ ପଦାର୍ଥରୁ ପ୍ରସ୍ତୁତ ଏହି ଫଗୁରେ ବସନ୍ତ, ହାଡ଼ଫୁଟି ଭଳି ସଂକ୍ରାମକ ରୋଗର ପ୍ରତିରୋଧକ ଶକ୍ତି ଥାଏ। ■

ଗୁଣପୁର, ରାୟଗଡ଼
ମୋ: ୬୩୭୧୬୮୪୬୯୯



# ନୀତି ଅନୀତି ରାଜନୀତି

ଶ୍ରୀବିଦୁର



## ନମ୍ର ନବୀନ, ଉଚ୍ଚ ଉଦାହରଣ

ଓଡ଼ିଶାରେ ଅନେକ ଭଦ୍ର, ନମ୍ର ଓ ଅମାୟିକ ରାଜନେତା ଅଛନ୍ତି । ମାତ୍ର ରାଜନୀତିରେ ଉଚ୍ଚ ଉଦାହରଣ ସୃଷ୍ଟି କରିଥିବା ନବୀନଙ୍କ ସମକକ୍ଷ ରାଜନେତା ଖାଲି ଓଡ଼ିଶା କାହିଁକି, ସାରା ଦେଶରେ ସମ୍ଭବତଃ ବିରଳ । ନିଜର ଉଚ୍ଚ ଉଦାର କାର୍ଯ୍ୟ ଓ ମନୋଭାବ ପାଇଁ ଶଙ୍ଖପତି ନବୀନ ସାରା ଦେଶର ରାଜନେତାମାନଙ୍କର ଆଦରର ପାତ୍ର ହୋଇ ରହିଛନ୍ତି । ଏପରିକି ଯେଉଁମାନେ ତାଙ୍କୁ ଅତୀତରେ ବିଭିନ୍ନ ଅବସରରେ ସମାଲୋଚନା କରିଛନ୍ତି; ସେମାନେ ମଧ୍ୟ ନବୀନଙ୍କ ଉଦାରପଣରେ ବଶୀଭୂତ ହୋଇଥିବାର ଅନେକ ଉଦାହରଣ ରହିଛି । ମାତ୍ର ନିକଟରେ ପୁରୀରେ ମହାପ୍ରଭୁଙ୍କ ରଥଯାତ୍ରା ସମୟରେ ଯେଉଁ ଘଟଣା ଘଟିଲା, ସେଥିପାଇଁ କେବଳ ସାଢ଼େ ଚାରିକୋଟି ଓଡ଼ିଶାବାସୀ ନୁହନ୍ତି; ଦେଶର କୋଟିକୋଟି ଲୋକଙ୍କୁ ନବୀନଙ୍କ ଚୁମ୍ବକୀୟ ବ୍ୟକ୍ତିତ୍ୱ ପ୍ରତି ପୁନଃ ଆକର୍ଷିତ କରିଛି; ତାଙ୍କର ଉଦାର ମନୋଭାବକୁ ମୁକ୍ତ କଣ୍ଠରେ ପ୍ରଶଂସା କରିବାକୁ ବାଧ୍ୟ କରିଛି । ମୁଖ୍ୟମନ୍ତ୍ରୀ ଥିବାବେଳେ ଯେଉଁ ମଞ୍ଚରେ ସେ ଅତୀତରେ ରଥଯାତ୍ରା ଅବଲୋକନ କରୁଥିଲେ; ସେହି ମଞ୍ଚ ତଳେ ଠିଆ ହୋଇ ମଞ୍ଚାସୀନ ଅତିଥିମାନଙ୍କୁ ଦୁଇ ହାତ ଉଠାଇ ନବୀନ ପ୍ରଣାମ କରୁଥିବାର ଦୃଶ୍ୟ ସମ୍ଭବତଃ ଅନେକଙ୍କ ପାଇଁ ଚିରଦିନ ଅଭୁଲା ରହିଯିବ । ସର୍ବଦା ଅତିଥି ଦେବୋ ଭବଃରେ ବିଶ୍ୱାସ ରଖୁଥିବା ନବୀନ ତାଙ୍କର କଟୁ ସମାଲୋଚକ ଓ ରାଜନୈତିକ ପ୍ରତିପକ୍ଷଙ୍କୁ ନିଜ ବାସଭବନରେ ଆପ୍ୟାୟିତ କରିଥିବା ଓଡ଼ିଶାବାସୀ ଦେଖିଛନ୍ତି । ଆଉ ପବିତ୍ର ରଥଯାତ୍ରାରେ ମହାପ୍ରଭୁଙ୍କ ଦର୍ଶନ ପରେ ବୟସ, ଅଭିଜ୍ଞତାରେ ତାଙ୍କଠାରୁ ଯଥେଷ୍ଟ କନିଷ୍ଠ; କିନ୍ତୁ ସମ୍ମାନ ଦୃଷ୍ଟିରୁ ଉଚ୍ଚସ୍ଥ ରାଷ୍ଟ୍ରପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ମନ୍ତ୍ରିମଣ୍ଡଳ ସଦସ୍ୟ, କେନ୍ଦ୍ରମନ୍ତ୍ରୀଙ୍କୁ ପ୍ରଣାମ କରି ଦେଇଥିବା ନିଜର ସମ୍ଭ୍ରମ ମନୋଭାବର ସମ୍ଭ୍ରାନ୍ତ ପରିଚୟ ନବୀନ ଭାବମୂର୍ତ୍ତିଙ୍କୁ ଆହୁରି ଉଚ୍ଚକୁ ନେଇ ଯାଇଛି । ସେମିତି ନବୀନଙ୍କୁ ଆଦରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅତ୍ୟନ୍ତ ସୌଜନ୍ୟତାର ମଞ୍ଚ ଉପରକୁ ଶଙ୍ଖୋଳି ନେବା ବି ଉଦାର ରାଜନୀତିର ଉଦାହରଣ ସୃଷ୍ଟି କରିଛି । ■



## ଇସ୍ପାତିଆ ଦିଲ୍ଲୀପଙ୍କ ପଶ୍ଚାତାପ

ରାଜ୍ୟ ରାଜନୀତିରେ ଇସ୍ପାତିଆ ଦିଲ୍ଲୀପଙ୍କ ପରି ମିଷ୍ଟଭାଷୀ ରାଜନେତା ମିଳିବା କଷ୍ଟକର । ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କର ଏକଦା ଘନିଷ୍ଠ ସହଯୋଗୀ, ସଫଳ ବ୍ୟବସାୟୀ, ଚତୁର ରାଜନେତା ଭାବରେ ଦିଲ୍ଲୀପଙ୍କର ପରିଚିତି ରହିଛି । ଦେଶର ବିଭିନ୍ନ ଅଞ୍ଚଳକୁ ତାଙ୍କର ହୋଟେଲ ବ୍ୟବସାୟ ପରିବ୍ୟାପ୍ତ ହୋଇଛି । ଖାଲି ଓଡ଼ିଶା ନୁହେଁ, ଅନ୍ୟ ରାଜ୍ୟର ବିଭିନ୍ନ ଦଳର ଅଧିକାଂଶ ନେତାଙ୍କ ସହ ଦିଲ୍ଲୀପଙ୍କ ସମ୍ପର୍କ ବେଶ୍ ମଧୁର । ମାତ୍ର ଗତ ନିର୍ବାଚନରେ ପଦ୍ମ ଦଳର ପ୍ରାର୍ଥୀ ଭାବରେ ରାଉରକେଲାରୁ ପରାଜିତ ହେବା ପରେ ତାଙ୍କର ପ୍ରଶଂସକମାନେ ଦିଲ୍ଲୀପଙ୍କ ଉପରେ କ୍ଷୁବ୍ଧ । ୨୦୧୪ରେ ଗୋଟିଏ ଭୁଲ ତାଙ୍କ ରାଜନୈତିକ ଜୀବନକୁ ଦୁର୍ବଳ କରି ଦେଇଥିଲା; ଆଉ ୨୦୨୪ରେ ଆଉ ଗୋଟିଏ ଭୁଲ ତାଙ୍କ ରାଜନୈତିକ ଭବିଷ୍ୟତ ଉପରେ ପ୍ରଶ୍ନ ଚିହ୍ନ ଟାଣି ଦେଇଛି ବୋଲି ସେମାନେ କହିବା ଆରମ୍ଭ କରିଛନ୍ତି । ୨୦୧୪ ମସିହା ଜାନୁଆରୀ ମାସ । ଦିନେ ସକାଳ ୬ଟାରେ ଦିଲ୍ଲୀପଙ୍କୁ ବରଗଡ଼ ଲୋକସଭା ଆସନରୁ ପ୍ରାର୍ଥୀ ହେବା ପାଇଁ ତତ୍କାଳୀନ ପଦ୍ମାଧୀଶ ରାଜନାଥ ସିଂହ ଫୋନ୍ କରି ପ୍ରସ୍ତାବ ଦେଇଥିଲେ । ମାତ୍ର ଦିଲ୍ଲୀପ ରାଉରକେଲା ମୋହ ଛାଡ଼ି ପାରି ନ ଥିଲେ । ସେତେବେଳେ ଦିଲ୍ଲୀପ ବରଗଡ଼ରୁ ପ୍ରାର୍ଥୀ ହୋଇଥିଲେ ହୁଏତ ରାଜ୍ୟ ରାଜନୀତି ନୂଆ ମୋଡ଼ ନେଇଥାଆନ୍ତା । ଇତିମଧ୍ୟରେ ୧୦ ବର୍ଷ ବିତି ଯାଇଥିଲା ଓ ୨୦୨୪ରେ ବଦଳି ଯାଇଥିଲା ସ୍ଥିତି । ଦିଲ୍ଲୀପଙ୍କୁ ଦଳ ପ୍ରାର୍ଥୀ କରିବାକୁ ସବୁଜ ସଙ୍କେତ ଦେବା ପରେ ସେ ବରଗଡ଼ କିମ୍ବା କେନ୍ଦ୍ରାପଡ଼ା ଲୋକସଭା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ସୁଯୋଗ ଦେବାକୁ ଅନୁରୋଧ ସହ ରାଉରକେଲାରୁ ଧୀରେନ ସେନାପତିଙ୍କୁ ପ୍ରାର୍ଥୀ କରିବାକୁ ନିଜ ଆଡ଼ୁ ପ୍ରସ୍ତାବ ଦେଇଥିଲେ । ମାତ୍ର ରାଜ୍ୟର କିଛି ନେତାଙ୍କ ସ୍ୱାର୍ଥ (ହାନି/ସାଧନ) ପାଇଁ ତାଙ୍କୁ ରାଉରକେଲାରୁ ପ୍ରାର୍ଥୀ ହେବାକୁ ଦଳ ବାଧ୍ୟ କଲା । ନିର୍ବାଚନ ପରିଣାମ ଯାହା ହେଲା ସମସ୍ତେ ଦେଖିଲେ । ଏବେ କୁଆଡ଼େ ଦିଲ୍ଲୀପ ପଶ୍ଚାତାପ କରୁଛନ୍ତି । ୨୦୨୪ ପାଇଁ ନୁହେଁ, ୨୦୧୪ରେ ନିଜେ ନେଇଥିବା ନିଷ୍ପତ୍ତି ପାଇଁ... । ■



## ସ୍ମାଇଲିଂ ଏମ୍ଏଲ୍ଏ ସୋଫିଆ

୧୯୩୭ ମସିହାରୁ ଓଡ଼ିଶାର ବିଧାନସଭା ନିର୍ବାଚନ ଇତିହାସରେ ୨୦୨୪ରେ ଘଟିଛି ଏକ ନୂଆ ଘଟଣା । ବାରବାଟୀ-କଟକ ବିଧାନସଭା ଆସନରୁ ବିଖ୍ୟାତ ଚିକିତ୍ସକ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କୁ ଆଠ ହଜାରରୁ ଊର୍ଦ୍ଧ୍ୱରେ ପରାଜିତ କରି କଟକୀ ମୁକ୍କିମ୍ ନନ୍ଦିନୀ ସୋଫିଆ ପ୍ରଥମ ମୁସଲମାନ ମହିଳା ଭାବରେ ବିଧାନସଭାରେ ପ୍ରବେଶ ସୁଯୋଗ ପାଇଛନ୍ତି । ସତାଅଶୀ ବର୍ଷର ଓଡ଼ିଶା ଇତିହାସରେ ବିଭିନ୍ନ ସମୟରେ ବିଧାନସଭାକୁ ୧୪୧ ଜଣ ମହିଳା ବିଧାୟିକା ଭାବରେ ନିର୍ବାଚିତ ହୋଇଛନ୍ତି । ଅଗ୍ନିକନ୍ୟା ନନ୍ଦିନୀ ଶତପଥର ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବରେ କିଛିକାଳ କାର୍ଯ୍ୟ କରିଛନ୍ତି; ମାତ୍ର କେବେ ବି ଜଣେ ମୁସଲିମ ମହିଳା ବିଧାନସଭାକୁ ନିର୍ବାଚିତ ହେବାର ସୁଯୋଗ ମିଳି ନ ଥିଲା । ସିଭିଲ ଇଞ୍ଜିନିଅରିଂରେ ସ୍ନାତକ ପରେ ବାଙ୍ଗାଲୋର ଆଇଆଇଏମ୍‌ରେ ମ୍ୟାନେଜମେଣ୍ଟ ଶିକ୍ଷାଲାଭ କରିଥିବା ସୋଫିଆଙ୍କ ବିଜୟ ରାଜ୍ୟ ରାଜନୀତିରେ ଲେଖିଛି ଏକ ନୂଆ ଅଧ୍ୟାୟ । ନନ୍ଦିନୀଙ୍କୁ ନିଜର ଆଦର୍ଶ ମାନୁଥିବା ସୋଫିଆ ବେଶ୍ ସ୍ପଷ୍ଟବାଦୀ ଓ ସବୁବେଳେ ତାଙ୍କର ହସହସ ମୁହଁ ତାଙ୍କୁ 'ସ୍ମାଇଲିଂ ଏମ୍ଏଲ୍ଏ'ର ପରିଚିତି ଦେଇଛି । ପାରିବାରିକ ସଂସ୍କାର, ସମୃଦ୍ଧ ରାଜନୈତିକ ପରମ୍ପରା, ଭାଇଚାରା ସହର କଟକରୁ ପ୍ରତିନିଧିତ୍ୱ ସହ ଉଚ୍ଚ ଶିକ୍ଷା ଓ ବ୍ୟବସାୟିକ ଜ୍ଞାନ ଅନ୍ୟ ରାଜନୈତିକ ଦଳର ବିଧାୟକମାନଙ୍କଠାରୁ ସୋଫିଆଙ୍କୁ ଦେଇଛି ଭିନ୍ନ ପରିଚୟ । ନିର୍ବାଚନ ପରେପରେ କଟକ ସହରରେ ଘଟିଥିବା ଏକ ଘଟଣାରେ ସୋଫିଆ ଯେପରି ସ୍ପଷ୍ଟ ଭାବରେ ତାହାକୁ ବ୍ୟାଖ୍ୟା କରି ନିଜର ଓ ଦଳର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି, ତାହା ତାଙ୍କୁ ଭୋଟ ଦେଇଥିବା କଟକବାସୀ ସୋଫିଆଙ୍କୁ ନେଇ ଗର୍ବ କରିବା ଆରମ୍ଭ କରିଛନ୍ତି । ■



## ରାଜନ୍! ତବ ବାଧତି ବାଧତେ

ଭୋଜ ରାଜାଙ୍କ ପାଲିଙ୍କି ବୋହିବା ଯେତିକି କଷ୍ଟ ଦେଇ ନ ଥିଲା; ମାତ୍ର ରାଜାଙ୍କ ଅଶୁଦ୍ଧ ସଂସ୍କୃତ ବାକ୍ୟ ଅଜ୍ଞାତବାସରେ ଥିବା ମହାକବି କାଳିଦାସଙ୍କୁ ବେଶୀ କଷ୍ଟ ଦେଇଥିଲା । ସ୍ୱତଃ ତାଙ୍କ ମୁହଁରୁ ବାହାରି ପଡ଼ିଥିଲା- ଭାରୋ ନ ବାଧତେ ରାଜନ୍, ତବ ବାଧତି ବାଧତେ । ଅର୍ଥାତ୍ ଭାର ବହନ ଯେତିକି କଷ୍ଟପ୍ରଦ ନୁହେଁ, ଆପଣଙ୍କ ଅଶୁଦ୍ଧ 'ବାଧତି' ତା'ଠୁ କଷ୍ଟପ୍ରଦ ବୋଲି କାଳିଦାସ କହିଥିବା କଥା ଏବର ରଥଯାତ୍ରା ବେଳେ ଆଇନମନ୍ତ୍ରୀଙ୍କ ମନ୍ତବ୍ୟ ରାଜ୍ୟବାସୀଙ୍କୁ ଠିକ୍ ସେହିପରି କଷ୍ଟପ୍ରଦ ହୋଇଛି । ପୂର୍ବରୁ ରଥଯାତ୍ରା ସମୟରେ ଯାହା କେବେ ଘଟି ନ ଥିଲା, ଘଟିଥିବା କେହି ଦେଖି ନ ଥିଲେ କି ଶୁଣି ନ ଥିଲେ; ତାହା ହିଁ ଘଟିଲା । ଆଡ଼ପ ମଣ୍ଡପକୁ ବିଜେ ସମୟରେ ବଡ଼ଠାକୁର ବଳଭଦ୍ର ମୁହଁ ମାଡ଼ି ପଡ଼ିଲେ । ଦଶ ଗଣ୍ଡା ସେବାୟତ ବଡ଼ ଠାକୁରଙ୍କ ପହଣ୍ଡି କାର୍ଯ୍ୟରେ ନିୟୋଜିତ ଥିବା ସତ୍ତ୍ୱେ ହଳଧାରୀ ବଳଭଦ୍ରଙ୍କୁ ସମ୍ଭାଳି ପାରିଲେ ନାହିଁ । ବଡ଼ଠାକୁର ଚାରମାଳରେ ହାମୁଡ଼େଇ ପଡ଼ିଲେ, ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଆଘାତ ଲାଗିଲା; ଡ଼ଜନେ ସେବାୟତ ଆହତ ହୋଇ ଡାକ୍ତରଖାନା ଗଲେ । ସେବାୟତ, ମହାପ୍ରଭୁଙ୍କ ଉପରେ ବିଶ୍ୱାସ ରଖୁଥିବା କୋଟିକୋଟି ଶ୍ରଦ୍ଧାଳୁ, ପ୍ରଥମ ସେବକ ଗଜପତି ମହାରାଜ ମଧ୍ୟ ଏହାକୁ ନେଇ ଦୁଃଖ ପ୍ରକାଶ କଲେ । କୋଟିକୋଟି ଶ୍ରଦ୍ଧାଳୁ ଓ ଭକ୍ତ ଏଥିରେ ମର୍ମାହତ ହେଲେ । ମାତ୍ର ଏପରି ଅବସ୍ଥାରେ କଷ୍ଟ ଅନୁଭବ କରୁଥିବା ରାଜ୍ୟର କୋଟିକୋଟି ଲୋକଙ୍କ ପାଇଁ କିନ୍ତୁ ଅଧିକ କଷ୍ଟପ୍ରଦ ହେଲା ଆଇନମନ୍ତ୍ରୀ ପୃଥ୍ୱୀରାଜଙ୍କ ଟିପ୍ପଣୀ । ଘଟିଥିବା ଅଘଟଣକୁ ମହାପ୍ରଭୁଙ୍କ ଲୀଳା ଓ ସାମାନ୍ୟ ଘଟଣା ଉଲ୍ଲେଖ କରି ଯେପରି ଆଇନମନ୍ତ୍ରୀ ଏଡ଼ାଇ ଯିବାକୁ ଚାହିଁଲେ ତାହା ହିଁ ଅନେକଙ୍କୁ ଭୋଜରାଜ ଓ କାଳିଦାସଙ୍କ କଥା ସ୍ମରଣ କରାଇ ଦେଇଥିଲା । ପୃଥ୍ୱୀରାଜବାବୁ ଜ୍ଞାନୀ ଲୋକ । କେତେବେଳେ କେଉଁ କଥା କହିବା ଆବଶ୍ୟକ ସେ କଥା ତାଙ୍କୁ କ'ଣ ବୁଝାଇବାକୁ ପଡ଼ିବ ? ■

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ । ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମର ଉଦ୍ଦେଶ୍ୟ ନୁହେଁ । ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ ।